## ଇଟାଭାଟିରେ ଚଢ଼ାଉ: ଟ୍ରାକ୍ଟର, ଜେସିବି ଜବତ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ବାଞ୍ଜିବାହାଲ ରାସ୍ତା ମୁଟୁରା ନଦୀ ପଠା ନିକଟ ବେଆଇନ ଇଟାଭାଟି ଉପରେ ମଙ୍ଗଳବାର ଚଢ଼ାଉ କରାଯାଇଛି। ଇଟାଭାଟିରୁ ୬ଟି ଟ୍ରାକ୍ଟର ସହ ଜେସିବି ମେଶିନ ଜବତ କରିବା ସହ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଯଦି ଜରିମାନା ଆଦାୟରେ ଖିଲାଫ କଲେ ଇଟାଭାଟି ମାଲିକ ନାଁରେ କାର୍ଯ୍ୟାନୁଷ୍ଠାନ ନିଆଯିବା ବୋଲି କୋକସରା ତହସିଲଦାର ମନୋଜ ପାଢ଼ୀ ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ଆମପାଣି ଥାନା ଅଧିକାରୀ ପୁଷ୍ପାଞ୍ଜଳି ନିଙ୍ଗ, ପୋଲିସ କର୍ମଚାରୀ ଓ ଆମପାଣି ରାଜସ୍ୱ ବିଭାଗ ନିରୀକ୍ଷକ ରମଣୀ ପ୍ରଧାନୀ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ସଂକ୍ଷେପରେ

## ନୂଆପଡ଼ା ଜିଲାରେ ଦ୍ୱିତୀୟ କପାମଣ୍ଡି ଉଦ୍‌ଘାଟିତ

**ଖଡିଆଲ,୧୫।୧୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଲ ବିଜେପୁର ନିୟନ୍ତ୍ରିତ ବଜାରଠାରେ ଜିଲାର ଦ୍ୱିତୀୟ କପା ମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାରେ ପ୍ରଥମ କପା ମଣ୍ଡି କୋମନା ବ୍ଲକ ତରବୋଡଠାରେ ଖୋଲିଥିବାରୁ ଖଡିଆଲ, ବୋଡେନ ଏବଂ ସିନାପାଲି ବ୍ଲକ ପାଇଁ ତରବୋଡ କପା ମଣ୍ଡିକୁ ୭୦ ରୁ ୮୦ କି.ମି. ଦୂର ହେଉଥିବାରୁ ଚାଷୀମାନଙ୍କୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ଖଡିଆଲଠାରେ କପା ମଣ୍ଡି ଖୋଲିବାରୁ ଏ ଅଞ୍ଚଳ ଚାଷୀମାନେ ଖୁସି ବ୍ୟକ୍ତ କରିଥିବା ବେଳେ ତାଙ୍କର ଦୀର୍ଘ ଦିନର ଦାବି ପୂରୁଣ ହୋଇଥିବା କହିଛନ୍ତି। କପା ମଣ୍ଡି ସପ୍ତାହକୁ ଦୁଇ ଦିନ ମଙ୍ଗଳବାର ଓ ଗୁରୁବାର ଖୋଲିବ। ଉଦ୍‌ଘାଟନୀ ଦିନ ୩ ଜଣ ଚାଷୀ କପା ବିକ୍ରି କରିଥିଲେ। ସିନାପାଲି ବ୍ଲକ ଗଣ୍ଡାବାହାଲି ଗ୍ରାମର କୁଞ୍ଜବିହାରୀ ମେହେର ୧୨ ବ୍ୟାଗ, ବୋଡେନ ବ୍ଲକ ଖଇରାର ଚୈତୁ ଭୋଇ ୨୫ ବ୍ୟାଗ, ସୁନାପୁରର ବାସୁଦେବ ଖାଡିଆ ୨୫ ବ୍ୟାଗ କପାକୁ କୁଇଣ୍ଟାଲ ପ୍ରତି ୫୮୨୫ ଟଙ୍କାରେ ବିକ୍ରି କରିଥିଲେ। ଉଦଘାଟିତ ଉତ୍ସବରେ ଜିଲା କୃଷି ଅଧିକାରୀ ବାବାଜୀଚରଣ ବେହେରା, ଖଡିଆଲ କୃଷି ଅଧିକାରୀ ନରୋତ୍ତମ ବେହେରା, ଏଇଓ ସୁଧାଂଶୁ ଶେଖର ସାହୁ, ଖଡିଆଲ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ କାହ୍ନୁଚରଣ ନାଏକ, ରମେଶ ଚନ୍ଦ୍ର ରଇତି, ଆନନ୍ଦରାମ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଭାଜପାର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

**କୋକସରା,୧୫।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଓ ଆମପାଣି ମଣ୍ଡଳ ଭାଜପାର ଦୁଇଦିନିଆ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୋକସରାଠାରେ ମଣ୍ଡଳ ସଭାପତି ତ୍ରିନାଥ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଶିଶୁଦେବ ମୁଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଯୁବନେତା ଲକ୍ଷ୍ମୀକାନ୍ତ ବାଗ, ଉମାକାନ୍ତ ସାହୁ, ମୁକୁନ୍ଦ ପଟ୍ଟନାୟକ, ଅପ୍ରେଶ ସ୍ୱାଇଁ, ମନୋଜ କୁମାର ନାଏକ, ମହିଳା ସଭାନେତ୍ରୀ ରୁକ୍ମିଣୀ ଦାସ ପ୍ରମୁଖ ଯୋଗଦେଇଥିଲେ। କୋକସରା ମଣ୍ଡଳ ସାଧାରଣ ସମ୍ପାଦକ ତ୍ରିନାଥ ଶବର ମଞ୍ଚ ପରିଚାଳନା କରିଥିବା ବେଳେ ଦଳୀୟ କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି କୁଲେରଗୁଡାଠାରେ ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟିଙ୍କ ଅଧକ୍ଷତାରେ ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ସୁଧିର ରଞ୍ଜନ ପାଟ୍ଟଯୋଷୀ, ହିମାଂଶୁ ପଣ୍ଡା, ଘନଶ୍ୟାମ ନାଏକ, ଜିଲା ସଦସ୍ୟ ଭଜମନ ନାଏକ, ସାଧାରଣ ସମ୍ପାଦକ ମଧୁବନ ପାତ୍ର, ଗରୁଡଧ୍ୱଜ ମାଝି, ସନ୍ତୋଷ ମାଝିପ୍ରମୁଖ ଦଳୀୟ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ ।

## ଦୁର୍ଘଟଣାରେ ଜଣେ ମୃତ

**ବୌଦ୍ଧ/ବାଉଁଶୁଣୀ,୧୫।୧୨(ସ୍ୱ.ପ୍ର.)-** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବାଉଁଶୁଣୀ ଛକସ୍ଥିତ ଡିମିରିପାଲି ବିଦ୍ୟାଳୟ ନିକଟରେ ଠିଆ ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଦୁଃଶାସନ ଭୋଇ (୨୨)। ପ୍ରକାଶ ଯେ, ଗତ ସୋମବାର ବିଳମ୍ବିତ ରାତିରେ ନିକଟସ୍ଥ ଟାଇଞ୍ଜନ ଗ୍ରାମର ଦୁଃଶାସନ କୌଣସି କାମରେ ବାଇକ୍‌ରେ ବାଉଁଶୁଣୀକୁ ଆସିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଖବରପାଇ ବାଉଁଶୁଣୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ମୋଟର ସାଇକେଲ ଜବତ କରି ଏକ ମାମଲା ରୁଜୁ କରିଛି । ପ୍ରକାଶଥାଉ କି ବାଉଁଶୁଣୀ ଅଞ୍ଚଳରେ ରାସ୍ତା ଉପରେ ବେଆଇନ ଭାବେ ଗାଡି ପାର୍କିଂ କରୁଥିବାରୁ ଏଭଳି ଦୁର୍ଘଟଣା ବୃଦ୍ଧି ପାଉଛି ।

## ଶୋଚନୀୟ ରାସ୍ତାକୁ ନେଇ ବଢୁଛି ଅସନ୍ତୋଷ

**ଲୋଇସିଂହା,୧୫।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମ୍ୟରାସ୍ତା ଶୋଚନୀୟ ହୋଇପଡିଛି। ବହୁ ବର୍ଷ ପୂର୍ବରୁ ହୋଇଥିବା କଂକ୍ରିଟ ରାସ୍ତା ଖରାପ ହୋଇଗଲାଣି। ଏହି ରାସ୍ତା ଦେଇ ବିଛାଯାଇଥିବା ଜଳଯୋଗାଣ ପ୍ରକଳ୍ପର ପାଇପ ଫାଟି ପାଣି ଲିକ୍ ହେବା ପରେ ପରିସ୍ଥିତି ଅଧିକ ସଙ୍ଗୀନ ହୋଇ ପଡିଛି। ଫଳରେ ୭ ୱାର୍ଡ ବିଶିଷ୍ଟ ଏହି ଗାଁର ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜିଲା ପ୍ରଶାସନ ଅବିଳମ୍ବେ ପଦକ୍ଷେପ ନେବାକୁ ରଶ୍ମୀ ପଧାନ, ଅଭିନାଶ ମିଶ୍ର, ଅନିରୁଦ୍ଧ ପଧାନ ପ୍ରମୁଖ ଦାବି କରିଛନ୍ତି।

# ଫଟୋ ଭାଇରାଲରେ ଜେଲ୍ କର୍ମଚାରୀଙ୍କ ହାତ

**ବଲାଙ୍ଗୀର ଅଫିସ,୧୫।୧୨**




ବଲାଙ୍ଗୀର ଜିଲା କାରାଗାର ।

- ଡିଜିପିଙ୍କୁ ଚିଠି ଲେଖିଲେ ଅଧୀକ୍ଷିକା
- ଜେଲ ଭିତରକୁ ଯାଉଛି ମୋବାଇଲ, କ୍ୟାମେରା
- ଅୟସ କରୁଛନ୍ତି ସୁଶାନ୍ତ ଧଳସାମନ୍ତ

ବଲାଙ୍ଗୀର ଜିଲା କାରାଗାରରେ ୨୦୧୮ରୁ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତଙ୍କୁ ରଖାଯାଇଛି। ସେ ରହୁଥିବା ଜେଲ ଭିତରର ଏକ ଫଟୋ ଭାଇରାଲ ହେବା ପରେ ଜେଲ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା । ଜେଲ ଭିତର ଫଟୋ ଭାଇରାଲ ହେବା ସାଧାରଣ ଘଟଣା ନୁହେଁ ବୋଲି ଅଧୀକ୍ଷିକା ଉର୍ମିଳା ମିଞ୍ଜ କହିବା ସହ ଏ ନେଇ ପୋଲିସ ଡିଜିଙ୍କୁ ଚିଠି ଲେଖି ଅବଗତ କରିଥିବା ସୂଚନା ଦେଇଛନ୍ତି । ଗ୍ୟାଙ୍ଗଷ୍ଟର ସୁଶାନ୍ତ ଥିବା ଜେଲ ଭିତରର ଫଟୋ କି ଭଳି ଭାଇରାଲ ହେଲା ସେନେଇ ଠୋସ୍ କିଛି ଜଣାପଡିନାହିଁ। ତଥାପି ମିଞ୍ଜ ଫଟୋ ଭାଇରାଲ ଘଟଣାରେ ଜେଲ କର୍ମଚାରୀ ସମ୍ପୃକ୍ତି ସନ୍ଦେହ କରିଛନ୍ତି । ଜେଲ ଭିତରକୁ ମୋବାଇଲ କି କ୍ୟାମେରା ନେବା ସହଜ ନୁହେଁ । ଏହାସତ୍ତ୍ୱେ ଫଟୋ ଭାଇରାଲ ଘଟଣାରୁ ଜେଲ ଭିତରକୁ ମୋବାଇଲ ବା କ୍ୟାମେରା ଯାଇଥିବା ସ୍ପଷ୍ଟ ହୋଇଛି ।

ବଲାଙ୍ଗୀର ଜିଲା କାରାଗାରରେ ସଙ୍ଗୀନ ଅପରାଧ ସହ ଯୋଡି ହୋଇଥିବା ଅନେକ ଅଭିଯୁକ୍ତଙ୍କୁ ରଖାଯାଇଛି। ଏହାସତ୍ତ୍ୱେ ଏହି ଜେଲ ଭିତରୁ କିଭଳି ଫଟୋ ଭାଇରାଲ ହେଲା ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଫଟୋ ଭାଇରାଲଠୁ ଆହୁରି ସମ୍ବେଦନଶୀଳ ହେଲା ସୁଶାନ୍ତ ଧଳସାମନ୍ତ ଜେଲ ଭିତରେ ଅୟସ କରୁଥିବା ଅଭିଯୋଗ । ଫଟୋ ଭାଇରାଲ ହେବା ପରେ ଜେଲ ଭିତରେ ଅଣ୍ଡା, ଟମାଟୋ, ପିଆଜ, ରସୁଣ, ତେଲ, ସାବୁନ ଓ ଅନ୍ୟାନ୍ୟ ବ୍ୟବହାର ଉପଯୋଗୀ ସାମଗ୍ରୀ ଥିବା ଦେଖାଯାଇଛି। ଅପରାଧିକୁ ବିଭିନ୍ନ ସୁବିଧାଜନକ ଜିନିଷ ଦିଆଯାଇଥିବା ଅଭିଯୋଗ ଉଠିଛି । ଫଟୋ ଭାଇରାଲ ପରେ ଏହି ଅଭିଯୋଗଗୁଡିକ ଜଳଜଳ ଦେଖାଯାଉଛି। ଜେଲ ଭିତରେ ବାସ୍ତବରେ କିଭଳି ସ୍ଥିତି ରହିଛି ତାହା ଉପରେ ନିରୀକ୍ଷଣ କରିବା ଜରୁରୀ ହୋଇପଡିଛି । ଅଧୀକ୍ଷିକା କହିଛନ୍ତି ଯେ, ଏବେ ଜେଲ ଅଧିକ୍ଷିକା ଓ ଜେଲର ପଦବୀରେ ଦୁଇଜଣ ମହିଳା ରହିଛୁ। ଆମେ ଦାୟିତ୍ୱ ନେବା ପରେ ଜେଲରେ ପୁଙ୍ଖାନୁପୁଙ୍ଖ ତଦାରଖ କରୁଛୁ। ପୂର୍ବରୁ କେତେଜଣ ଜେଲ କର୍ମଚାରୀ ନାନା ସୁବିଧା ପାଉଥିଲେ। ଏହା ଆଉ ହୋଇପାରୁ ନ ଥିବାରୁ ସେମାନେ ଆମ ଉପରେ ଖପ୍ପା ହୋଇ ଏଭଳି କାଣ୍ଡ କରୁଛନ୍ତି ବୋଲି ମିଞ୍ଜ କହିଛନ୍ତି । ଜେଲରେ ବିଚାରାଧୀନ କଏଦୀ ଅୟସ କରିବା ଓ ଖୋଦ୍ ଜେଲ ଅଧୀକ୍ଷିକା କେତେଜଣ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆଣି ଡିଜିଙ୍କୁ ଚିଠି ଲେଖିବା ଜେଲ କର୍ମଚାରୀଙ୍କ ମଧ୍ୟରେ ଚାଲିଥିବା ବିବାଦକୁ ସ୍ପଷ୍ଟ କରିଛି।

# ଶକ୍ତିମନ୍ତ୍ରୀଙ୍କୁ ୫ଦଫା ଦାବିପତ୍ର ପ୍ରଦାନ



ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭବାନୀପାଟଣା, ୧୫।୧୨ (ସ୍ୱ.ପ୍ର.)**

ମଙ୍ଗଳବାର ରାଜ୍ୟ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଭବାନୀପାଟଣାସ୍ଥିତ ବାସ ଭବନରେ ସାକ୍ଷାତ କରି ନବରଙ୍ଗପୁର ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକ ୫ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ନବରଙ୍ଗପୁର ଜିଲାକୁ ସମ୍ପୂର୍ଣ୍ଣ ମାଗଣା ବିଦ୍ୟୁତ ଯୋଗାଣ, ଜିଲାର କୃଷି ନିମନ୍ତେ ଜଳ ସେଚନର ବ୍ୟବସ୍ଥା, ସ୍ଥାନୀୟ ଅଞ୍ଚଳର ସମ୍ପୂର୍ଣ୍ଣ ବିକାଶ ଓ ଗମନାଗମନର ବ୍ୟବସ୍ଥା, ବିସ୍ଥାପିତ ଅଞ୍ଚଳର ଅଧିବାସୀଙ୍କ ସମସ୍ତ ସରକାରୀ ସୁବିଧା ଯୋଗାଇଦେବା ଓ ଇନ୍ଦ୍ରାବତୀକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ ଓ ଦର୍ଶନୀୟ ସ୍ଥାନ(ପର୍ଯ୍ୟଟନ)ସ୍ଥଳୀର ମାନ୍ୟତା ଦେବା ଆଦି ଉଲ୍ଲେଖ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯାଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ମିଶ୍ର ପ୍ରକାଶ କରିଥିଲେ। ନବରଙ୍ଗପୁର ଜିଲା ବିକାଶ ପରିଷଦ ସଭାପତି ସିରାଜଉଦ୍ଦିନ ଅହମ୍ମଦଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ସମ୍ଭବ ଫାଉଣ୍ଡେଶନର ସଭାପତି ଇଂ ଅଭିଲାଶ କୁମାର ନାୟକ, ପରିବର୍ତ୍ତନ ଫାଉଣ୍ଡେଶନର ସଭାପତି ନିନିବାବୁ ତ୍ରିପାଠୀ, ଏସଟି/ଏସ୍‌ସି, ଓବିସି, ସଂଖ୍ୟାଲଘୁ ମଞ୍ଚର ଆବାହକ ଜଗନ୍ନାଥ ବାଘି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, କଳାହାଣ୍ଡି ଓ ନବରଙ୍ଗପୁର ଜିଲା ଅଧିବାସୀଙ୍କ ବିକାଶ ନିମନ୍ତେ ଇନ୍ଦ୍ରାବତୀ ପ୍ରକଳ୍ପ ନିର୍ମାଣ ହୋଇଥିଲା। କିନ୍ତୁ ପ୍ରକଳ୍ପ ନିର୍ମାଣର ଶେଷ ପରେ ନବରଙ୍ଗପୁର ଜିଲାର କୌଣସି ଉଦ୍ଦେଶ୍ୟ ପୂରଣ ହୋଇ ନ ଥିଲା। ପ୍ରକଳ୍ପ ଆରମ୍ଭ ସମୟରେ ଏଠାରେ କୃଷି ନିମନ୍ତେ ଜଳସେଚନର ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଓ ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପ୍ରଶାସନିକ ଉଦାସୀନତା ତଥା ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁ ଅଦ୍ୟାବଧି ପୂରଣ ହୋଇପାରିନାହିଁ। ଯାହାକୁ ନେଇ ଜିଲା ବାସୀଙ୍କ ମଧରେ କ୍ଷୋଭ ପ୍ରକାଶ ପାଇଛି।

# ନିଶାମୁକ୍ତ ପାଇଁ ଧାରଣା



ମଦ, କଫ୍ ସିରପ୍ ବନ୍ଦ ଦାବିରେ ବରଗଡ଼ ଏସ୍‌ପି ଅଫିସ ଆଗରେ ଧାରଣା ଦିଆଯାଇଛି ।

**ବରଗଡ଼ ଅଫିସ୍,୧୫।୧୨**

ବରଗଡ଼ ଜିଲାରେ ମଦ, କଫ ସିରପ୍ ଆଦି ନିଶା କାରବାର କାରବାର ବଢ଼ି ଚାଲିଛି। ଏଥିପାଇଁ ନାନା ଅପରାଧ ବୃଦ୍ଧି ପାଉଛି। ଉଭୟ ଅବକାରୀ ଏବଂ ପୋଲିସ ବିଭାଗ ଏହାକୁ ରୋକିବାରେ ବିଫଳ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ମଙ୍ଗଳବାର ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ–୧, ୨ ଏବଂ ୩ର ମହିଳାମାନେ ନିଜ ପିଲାଛୁଆ ଧରି ସେମାନଙ୍କ ୱାର୍ଡ଼ରେ ଅବାଧରେ ଚାଲିଥିବା ନିଶା କାରବାର ବନ୍ଦ ଦାବିରେ ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଥିଲେ। ଏହା ସହିତ ଏସ୍‌ପି ପଦ୍ମିନୀ ସାହୁଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ସ୍ମାରକପତ୍ର ଗ୍ରହଣ କରିଥିଲେ।

ଉକ୍ତ ୱାର୍ଡ଼ରେ ଚୋରାମଦ, କଫ ସିରପ୍ କାରବାର ଅବାଧରେ ଚାଲିଛି। ଫଳରେ ନିଶାସକ୍ତ ଲୋକେ ବିଭିନ୍ନ ସମୟରେ ମହିଳାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ନିଶା ସେବନ ଯୋଗୁ ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବାବେଳେ ଜୀବନହାନି ମଧ୍ୟ ହେଉଛି। ଫଳରେ ଏସବୁ ୱାର୍ଡ଼କୁ ନିଶାମୁକ୍ତ କରିବା ପାଇଁ ମହିଳାମାନେ ସ୍ମାରକପତ୍ରରେ ନିବେଦନ କରିଛନ୍ତି। ସ୍ମାରକପତ୍ର ଗ୍ରହଣ କରି ଟାଉନ ଥାନା ଆଇଆଇସି ପୂଜାହାରୀ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର ପ୍ରମୁଖ ଧାରଣାସ୍ଥଳରେ ଉଦବୋଧନ ଦେଇଥିଲେ ।

# ପୋଲିସର ଧରପଗଡ: ୪ ଜଣିଆ ଡକାୟତ ଗ୍ୟାଙ୍ଗ୍ ଗିରଫ

**ଭବାନୀପାଟଣା,୧୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ଥାନା ଏକ ୪ ଜଣିଆ ଡକାୟତ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଲୋହରାଜାନି ଗ୍ରାମର ଗୋପାଳ ନାୟକ (୬୨), ବୌଦ୍ଧ ଜିଲା କଣ୍ଟାମାଲ ଥାନା ବୋରପଦର ଗ୍ରାମର ନକୁଳ ନାଗ (୫୦), ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ବଟାଜୁଆ ଗ୍ରାମର ଅର୍ଜୁନ ପରାଭୋଇ (୫୦) ଓ କୁନୁ ଭୋଇ (୩୦)। ଅଭିଯୁକ୍ତଙ୍କୁ ଗତ କୋର୍ଟ ଚାଲାଣ କରାଯାଇଛି। ଜାମିନ୍ ନାମଞ୍ଜୁର ହେବାପରେ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଭବାନୀପାଟଣା ସଦର ଥାନା କାମଠଣା ଗ୍ରାମର ରାଧାକାନ୍ତ ଯାନୀଙ୍କ ଘରୁ ୩ ଭରି ସୁନା, ୫ ହଜାର ଟଙ୍କା, ରୁପା ଚୋରି ହୋଇଥିଲା। ଗତ ଅକ୍ଟୋବର ୨୦ ତାରିଖରେ ଏ ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ଗତ ନଭେମ୍ବର ୬ ତାରିଖରେ ଉଦିତନାରାୟଣପୁର ଗ୍ରାମର ଶଙ୍କର୍ଷଣ ଦାସଙ୍କ ଘରୁ ୭ ଭରି ସୁନା, ୨୦ ହଜାର ଓ ଅନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏହି ୨ଟି ଅଭିଯୋଗକୁ ଭିତ୍ତିକରି ସଦର ଥାନା ଆଇଆଇସି ପ୍ରଦୀପ ଧରୁଆ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ପୋଲିସ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ଗିରଫ କରିଥିଲା। ସେମାନଙ୍କଠାରୁ ପୋଲିସ ୩ ଭରି ସୁନା, ୪୩୫୦ ଟଙ୍କା, ୪ଟି ମୋବାଇଲ, ଗୋଟିଏ ବାଇକ (ନଂ. ଓଆର୍‌୦୩ଜେ–୧୨୦୧) ଏବଂ ୩ଟି ତାଲା ଭାଙ୍ଗିବା ନିମନ୍ତେ ବ୍ୟବହୃତ ଲୁହାରଡ ଜବତ କରାଯାଇଛି। ସେମାନଙ୍କୁ ଭବାନୀପାଟଣା ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଏହି ଘଟଣାରେ ଅଧିକ ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି।

# ଜଳଯୋଗାଣ ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

**ଦେଓଗାଁ,୧୫।୧୨(ଡି.ଏନ.ଏ.)**

**ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ମଙ୍ଗଳବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ ନରସିଂହ ମିଶ୍ର। ବିଡିଓ ରୁଦ୍ରପ୍ରସାଦ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ମିଶ୍ର ଯୋଗଦେଇ ବ୍ଲକରେ ପାନୀୟ ଜଳଯୋଗାଣରେ ଦେଖାଦେଇଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଭାଗୀୟ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ ବୈଠକରେ ବିଳମ୍ବରେ ପହଞ୍ଚିବା ଏବଂ ବିଭିନ୍ନ ଗାଁରେ ଜଳ ଯୋଗାଣରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ବିଧାୟକ ବିରକ୍ତି ପ୍ରକାଶ କରିଥିଲେ। ବଗଡା, ମୁରସିଂ ଓ କଛାରପାଲିର ଜଳଯୋଗାଣ ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରିବାକୁ ସେ କହିଥିଲେ। ଗତ ବନ୍ୟା ସମୟରେ କ୍ଷତିଗ୍ରସ୍ତ ରାସ୍ତା, ସ୍କୁଲଘର, ଅଙ୍ଗନୱାଡି କେନ୍ଦ୍ରର ମରାମତି ପାଇଁ ଆସିଥିବା ଏଫଡିଆର ପାଣ୍ଠିର ବିନିଯୋଗ ଉପରେ ଆଲୋଚନା ହୋଇଥିଲା। ଏହି ପାଣ୍ଠିରୁ ୭ଟି ସ୍କୁଲକୋଠା ଓ ୩ଟି ଅଙ୍ଗନୱାଡି କେନ୍ଦ୍ରର ମରାମତି କାମ ଥିବା ବେଳେ ବାକିତକ ରାସ୍ତା ମରାମତି କାମ ରହିଥିବା ସହକାରୀ ଯନ୍ତ୍ରୀ ମୋହନ ମହାଲିକ ସୂଚନା ଦେଇଥିଲେ । ତେବେ ମରାମତି କାମଗୁଡିକ ୧ଲକ୍ଷ ଟଙ୍କା ମଧରେ ରହିଥିବାରୁ ଜିଲା ପ୍ରଶାସନ ସହ ଆଲୋଚନା ପରେ ପାଣ୍ଠି ବିନିଯୋଗ କରିବାକୁ ବିଧାୟକ ବିଡିଓଙ୍କୁ ପରାମର୍ଶ ଦେଇଥିଲେ । ବ୍ଲକରେ ଚାଲିଥିବା ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ବ୍ଲକର ୨୬ ପଞ୍ଚାୟତରେ ଗତ ୯ମାସ ମଧରେ ୮କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଏପିଓ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଥିଲେ । ବ୍ଲକରେ ସ୍ୱଚ୍ଛଭାରତ ନାରେ ବ୍ୟାପକ ଅର୍ଥ ବିନିଯୋଗ ହେଉଛି। ହେଲେ ପ୍ରକୃତ ଲୋକେ ଏହାର ଲାଭ ପାଇପାରୁ ନାହାନ୍ତି। ଏ ସମ୍ପର୍କରେ ଅଭିଯୋଗ ପରେ ଦେଓଗାଁ ଓ କଛାରପାଲି ଗ୍ରାମର ପାଇଖାନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ୨୪ଘଣ୍ଟା ମଧରେ ଦେବାକୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ(ଖ)ବନିତା ବେହେରାଙ୍କୁ ସେ କହିଥିଲେ। ବୈଠକରେ ତହସିଲଦାର ନାରାୟଣ ସାହୁ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଅଧିକାରୀଙ୍କ ସହ ବିଧାୟକ ନରସିଂହ ମିଶ୍ର।

# ବିକାଶ ସ୍ମାରକୀ ଫୁଟ୍‌ବଲ: ବୁଦେଲବାହାଲି ଚାମ୍ପିୟନ

**ଲୋଇସିଂହା,୧୫।୧୨(ଡି.ଏନ.ଏ.)**



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ହାଇସ୍କୁଲ ଖେଳପଡିଆରେ ଚାଲିଥିବା ବିକାଶ ସ୍ମାରକୀ ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗୀତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବୁଦେଲବାହାଲି ଓ ତେନ୍ତୁଲିଖୁଣ୍ଟି ମଧ୍ୟରେ ହୋଇଥିଲା। ଏଥିରେ ୧–୦ ଗୋଲରେ ବୁଦେଲବାହାଲି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଏକାଦଶିଆ ଚିନ୍ଦ୍ର, ସୁଦୀପ ସା, ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ଟିଙ୍କୁ ସାହୁ, ସୁଶୀଲ ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିଜୟ ରଣା, ଚିନ୍ମୟ ରାଉତ, ଜ୍ୟୋତି ରଞ୍ଜନ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

**ଅତାବିରା, ୧୫।୧୨ (ଡି.ଏନ.ଏ)**

**ଦୁଇ ବର୍ଷର ପୁଅ ବେସାହାରା**

ଯୌତୁକ ପାଇଁ ବରଗଡ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅଧୀନ କେଶ୍ରିପାଲି ଗାଁର ବିବାହିତା ମହିଳା ହେମାମାଳିନୀ ସାହୁଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୃତା ମହିଳାଙ୍କ ସ୍ୱାମୀ ଗଜାନନ ସାହୁ, ଶାଶୁ ବୈଦେହୀ ସାହୁ ଏବଂ ଶ୍ୱଶୁର ସୁନାଧର ସାହୁ । ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଅନ୍ୟପକ୍ଷେ ହେମାମାଳିନୀଙ୍କ ମୃତ୍ୟୁ ପରେ ତାଙ୍କର ଦୁଇବର୍ଷର ପୁଅ ଏବେ ବେସାହାରା ହୋଇପଡିଛି ।

ପୋଲିସ ସୂଚନା ଅନୁସାରେ, ବୌଦ୍ଧ ଜିଲା ମନମୁଣ୍ଡା ଥାନା କୁଆଁରପଡାର ବିଜୟ କୁମାର ସାହୁଙ୍କ କନ୍ୟା ହେମାମାଳିନୀ (୨୧) ଗତ ୪ ବର୍ଷ ତଳେ ବରଗଡ ଜିଲା କେଶ୍ରିପାଲି ଗାଁର ସୁନାଧର ସାହୁଙ୍କ ପୁତ୍ର ଗଜାନନ (୩୨)ଙ୍କୁ ବିବାହ କରିଥିଲେ । ବର୍ତ୍ତମାନ ତାଙ୍କର ୨ବର୍ଷ ୧ ମାସର ଏକ ପୁତ୍ର ସନ୍ତାନ ଅଛି। ଯୌତୁକ ପାଇଁ ବିଭିନ୍ନ ସମୟରେ ହେମାମାଳିନୀଙ୍କୁ ନିର୍ଯାତନା ଦିଆଯିବା ସହ ହତ୍ୟା କରାଯାଇଥିବା ତାଙ୍କ ବାପା ଥାନାରେ ସୋମବାର ଏତଲା ଦେଇଥିଲେ। ପୋଲିସ ପ୍ରଥମେ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୯/୨୦) ରୁଜୁ କରି ତଦନ୍ତ ଚଳାଇଥିଲା । ପରେ ହେମାମାଳିନୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୨୩/୨୦) ରୁଜୁ କରି ତଦନ୍ତ ଚଳାଇଥିଲା ।

# ଦୀର୍ଘଦିନର ଦାବି ପୂରଣ, ଅଣ୍ଡରବ୍ରିଜ୍ ନିର୍ମାଣ ସମ୍ପୂର୍ଣ୍ଣ

**କେସିଙ୍ଗା, ୧୫।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ତଥା ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ପୂରୁଣ ହେବାକୁ ଯାଉଛି। ନିର୍ମାଣାଧୀନ କେସିଙ୍ଗା ଅଣ୍ଡର ବ୍ରିଜ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଅଣ୍ଡର ବ୍ରିଜ ପାଇଁ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ରାତିଦିନ ନିର୍ମାଣ କାମ ଜାରି ରହିବା ପରେ ଶେଷ ହୋଇଯାଇଛି। ଏଥିଯୋଗୁ ୪୮ ଘଣ୍ଟା ଧରି ସମସ୍ତ ଟ୍ରେନ ଯାତାୟାତ ବନ୍ଦ ରହିଥିଲା। ଏହି ନିର୍ମାଣ କାର୍ଯ୍ୟରେ ସମ୍ବଲପୁର ରେଳ ଡିଭିଜନ ସମସ୍ତ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।



କେସିଙ୍ଗା ଅଣ୍ଡର ବ୍ରିଜ ନିର୍ମାଣ ଶେଷ ।

- ଜିଲାପାଳଙ୍କ ପ୍ରତିଶ୍ରୁତିର ୧୦ ମାସ ପରେ ଶେଷ

କେସିଙ୍ଗା ସହର କଳାହାଣ୍ଡି ଜିଲାର ମୁଖ୍ୟ ଦ୍ୱାର। ସହର ଦେଇ ୨୬ ନଂ. ଜାତୀୟ ରାଜପଥ ଯାଇଛି। ଏହି ସହର ଦେଇ ରାୟପୁର–ବିଶାଖାପାଟଣା ଟ୍ରେନ୍ ଲାଇନ ସଂଯୋଗ ହୋଇଛି। ରାୟପୁରଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ ୩ୟ ଟ୍ରେନ୍ ଲାଇନ ଏବେ ନିର୍ମାଣାଧୀନ। ଏଠାରୁ ଭୁବନେଶ୍ୱର, କଟକ, ବିଶାଖାପାଟଣା, ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଭଳି ବିଭିନ୍ନ ସ୍ଥାନକୁ ଟ୍ରେନ୍ ସଂଯୋଗ ରହିଛି। ଯାତ୍ରୀମାନେ ରେଳ ଫାଟକରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିଲେ। ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖିନ ହେବାରୁ କେସିଙ୍ଗା ସହରସ୍ଥିତ ରେଳ ଫାଟକ ନିକଟରେ ଏକ ଅଣ୍ଡରବ୍ରିଜ ନିର୍ମାଣ ପାଇଁ କେସିଙ୍ଗା ରେଲୱେ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ଗତ ଜାନୁୟାରୀ ଓ ଫେବୃୟାରୀରେ ଦୀର୍ଘ ୨୪ ଦିନ ଲଗାତର ଗରଧାରଣା ଦେଇଥିଲେ। ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଜିଲାପାଳ ଡ. ଗୋଭାଲି ପରାଗ ହର୍ଷଦଙ୍କୁ ରାଜ୍ୟ ସରକାରଙ୍କ ୱାର୍କସ ଡିପାଟମେଣ୍ଟ ଚିଠି ନଂ. ୨୯୦୭/୧୪ ଫେବୃୟାରୀ, ୨୦୨୦ରେ ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ଆଦେଶ ହସ୍ତଗତ ହୋଇଥିଲା। ଚିଠି ମିଳିବା ପରେ କେସିଙ୍ଗା ରେଲୱେ କ୍ରିୟାନୁଷ୍ଠାନ କମିଟିକୁ ଗଣଧାରଣାରୁ ହଟିବା ପାଇଁ ଜିଲାପାଳ କହିଥିଲେ। ଡିସେମ୍ବର ସୁଦ୍ଧା ଅଣ୍ଡର ବ୍ରିଜ ନିର୍ମାଣ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାରଙ୍କ ୱାର୍କସ ଡିପାର୍ଟମେଣ୍ଟ ପକ୍ଷରୁ ୧୦ କୋଟି ବ୍ୟୟରେ ଅଣ୍ଡର ବ୍ରିଜ ନିର୍ମାଣ ଶେଷ ହୋଇଥିବାରୁ ଏବେ ଜିଲା ତଥା କେସିଙ୍ଗା ବାସୀଙ୍କ ମନରେ ଆନନ୍ଦ ଖେଳି ଯାଇଛି।

## ଯୁବକଙ୍କୁ ହତ୍ୟା

ସମ୍ବଲପୁର (ବ୍ୟୁରୋ): ସମ୍ବଲପୁର ଜିଲା ଧନୁପାଲି ଥାନା ସଖିପଡାରେ ମଙ୍ଗଳବାର ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ବିଜୟ ନାୟକ (୨୦)। ସୂଚନା ଅନୁଯାୟୀ ଗ୍ରାମରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ବିଜୟ ଗୁରୁତର ହୋଇଥିଲେ। ତାଙ୍କୁ ଲୋକେ ବୁର୍ଲା ଭୀମସାର ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସଦର ଏସ୍‌ଡିପିଓ ତପନ ମହାନ୍ତି କହିଛନ୍ତି, ଅଭିଯୁକ୍ତଙ୍କ ପରିଚୟ ମିଳି ନ ଥିବାବେଳେ ତଦନ୍ତ ଜାରି ରହିଛି।

# ପତିଆରା ଜାହିର ପାଇଁ ହତ୍ୟାକାଣ୍ଡ

### ଫାର୍ମରୋଡ୍‌ରେ ହତ୍ୟା ଘଟଣା
■ଓଡ଼ିଶା ସୀମାରୁ ୩ ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୫।୧୨ (ବ୍ୟୁରୋ)

ସମ୍ବଲପୁର ଟାଉନ ଥାନା ଫାର୍ମରୋଡ୍‌ରେ ରବିବାର ରାତିରେ ଭୀମସେନ ଗୁରୁ (ମିଟୁ) ହତ୍ୟା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଚେରୁଆପଡାର ଦିଲୁ ବେହେରା, ସାଗର କର୍ମାକର ଓ ଦୀନେଶ ନେପାକ। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରାଯାଇଛି। ଟାଉନ ଥାନା ପରିସରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଦାୟିତ୍ୱରେ ଥିବା ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା ଏହି ସୂଚନା ଦେଇଛନ୍ତି। ସେ କହିଥିଲେ ଯେ, ଘଟଣା ଘଟାଇ ଅଭିଯୁକ୍ତମାନେ ଛତିଶଗଡ ଫେରାର ହେବାକୁ ଚେଷ୍ଟା କରୁଥିଲେ। ସୀମାରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଏମାନେ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଦାଦା ବଟି ନେବା ଓ ଉକ୍ତ ଅଞ୍ଚଳରେ ପତିଆରା ଜାହିର ପାଇଁ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ରହିଥିଲା। ସନ୍ଧ୍ୟା ସମୟରେ ଭୀମସେନ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ସେମାନେ ଛୁରିରେ ପେଟ, ଛାତିକୁ ଆକ୍ରମଣ କରିଥିଲେ। ଗିରଫ ସାଗରଙ୍କ ନାମରେ ଟାଉନ ଥାନାରେ ମାରପିଟ, ହତ୍ୟା ଉଦ୍ୟମ, ହତ୍ୟା ଧମକ ଭଳି ୪ ମାମଲା ରହିଛି। ସେହିପରି ଅଭିଯୁକ୍ତ ଦୀନେଶଙ୍କ ନାମରେ ମଧ୍ୟ ୩ ମାମଲା ରହିଛି। ମୃତ ଭୀମସେନଙ୍କ ନାମରେ ମଧ୍ୟ ବିଭିନ୍ନ ଆପରାଧିକ ମାମଲା ରହିଛି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ତପନ କୁମାର ମହାନ୍ତି, ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା, କ୍ଷେତରାଜପୁର ଥାନା ଅଧିକାରୀ ମମତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ଫାର୍ମରୋଡ୍‌ରେ ଭୀମସେନଙ୍କୁ ଆକ୍ରମଣ କରାଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।


ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୁକ୍ତ।

## ସଂକ୍ଷେପରେ

### ଗଛରେ ପିଟିହେଲା କାର୍

ନାକଟିଦେଉଳ,୧୫।୧୨(ଡି.ଏନ.ଏ.): ନାକଟିଦେଉଳ ଥାନା ଅନ୍ତର୍ଗତ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ଶ୍ରୀଗିଡ଼ା ପୋଲ ନିକଟରେ ମଙ୍ଗଳବାର ଏକ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯାଇଛି। ସୂଚନା ଅନୁସାରେ ବାଟଗାଁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୨ଜଣ କାର୍‌ରେ ନାକଟିଦେଉଳସ୍ଥିତ ଏସ୍‌ବିଆଇ ଶାଖାକୁ ଆସିଥିଲେ। କାମସାରି ସେମାନେ ଫେରୁଥିବା ବେଳେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ କାର୍‌ର ସମ୍ମୁଖ ଭାଗ ଭାଙ୍ଗିଯାଇଥିବାବେଳେ ବ୍ୟାଙ୍କ କର୍ମଚାରୀ ଗୌତମ ରାଜହଂସ ଆହତ ହୋଇଥିଲେ। ତାଙ୍କୁ ନାକଟିଦେଉଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ପୋଲିସ ପହଞ୍ଚି କାର୍ ଜବତ କରିବା ସହ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି।

### ଛୁରାମାଡ଼ରେ ମହିଳା ଗୁରୁତର

ରେଙ୍ଗାଲି, ୧୫।୧୨ (ଡି.ଏନ.ଏ.): ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ତିଲେଇମାଲ ଓରାମପଡାରେ ଦୁର୍ବୃତ୍ତଙ୍କ ଛୁରା ମାଡ଼ରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଖବର ଅନୁଯାୟୀ, ପଣ୍ଡା ଓରାମ, ତାଙ୍କ ସ୍ତ୍ରୀ ଯମୁନା ଓରାମ ଓ ୨ବର୍ଷର ପୁଅ ଓରାମପଡାର ସୁଲୋଚନା ଓରାମଙ୍କ ଘରେ ଭଡାରେ ରୁହନ୍ତି। ରବିବାର ପଣ୍ଡା କୌଣସି କାମରେ ବାହାରକୁ ଯାଇଥିଲେ। ରାତିରେ ଯମୁନା ଓ ତାଙ୍କ ପୁଅ ଗୋଟିଏ କୋଠରିରେ ଓ ସୁଲୋଚନା ଅନ୍ୟ ଏକ କୋଠରିରେ ଶୋଇଥିଲେ। ବିଳମ୍ବିତ ରାତିରେ ଯମୁନାଙ୍କ ପୁଅ କାନ୍ଦୁଥିବାରୁ ସୁଲୋଚନାଙ୍କ ନିଦ ଭାଙ୍ଗି ଯାଇଥିଲା। ସେ ବାହାରକୁ ଆସୁଥିବା ବେଳେ ତାଙ୍କ କୋଠରି କବାଟ ବାହାର ପଟୁ ବନ୍ଦ ହୋଇଥିଲା। ସେ ଫୋନ କରବାରୁ ତାଙ୍କ ଭାଇ ଆସି କବାଟ ଖୋଲିଥିଲେ। ସେମାନେ ଯମୁନାଙ୍କ ବେକରେ ଛୁରା ମାଡ଼ ହୋଇଥିବା ଦେଖି ତାଙ୍କ ସ୍ୱାମୀଙ୍କୁ ଖବର ଦେଇଥିଲେ। ସେ ଆସିବା ପରେ ଯମୁନାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ୩ ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଲହୁଣୀପଡା, ୧୫।୧୨ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡପୁରୁଣାପାଣି ପଞ୍ଚାୟତ ବୁଢ଼ିକୁଟୁଣୀ ଗ୍ରାମର ମା'ତାରିଣୀ ଫୁଟବଲ କ୍ଲବ ଆୟୋଜନରେ ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଣଜିତ କିଷାନ, ସମ୍ମାନିତ ଅତିଥି ଭାବେ ବଡପୁରୁଣାପାଣି ସରପଞ୍ଚ ପର୍ଶୁରାମ ଓରାମ, ପୂର୍ବତନ ସରପଞ୍ଚ ଜଗବନ୍ଧୁ କିଷାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସୁନ୍ଦରମଣୀ ପ୍ରଧାନ ଯୋଗଦେଇଥିଲେ। ଉକ୍ତ ସଭାରେ ଭଜନ କିଷାନ ସଭାପତିତ୍ୱ କରିଥିଲେ। ଏହି ତିନିଦିନିଆ ଫୁଟବଲ ପ୍ରତିଯୋଗିତାରେ ମୋଟ ୨୪ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପ୍ରଥମ ମ୍ୟାଚରେ ନୂଆଗାଁ ଦଳକୁ ହରାଇ ଉରୁମ କଳା ଦଳ ବିଜୟୀ ହୋଇଥିଲା। ମୋହନ ଚନ୍ଦ୍ର ପାତ୍ର, ଶଙ୍କର ମୁଣ୍ଡା, ଭୀଷ୍ମଦେବ ମାହାନ୍ତ, ଯୁଗଳ କିଷାନ ଖେଳ ପରିଚାଳନା କରିଥିବା ବେଳେ ପଟେଲ କିଷାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧୁ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍‌କୁ ଧକ୍କା ଦେଲା ମିନି ଟ୍ରକ୍, ଗୃହରକ୍ଷୀ ମୃତ

ରିଆମାଳ,୧୫।୧୨(ଡି.ଏନ୍.ଏ)

ଦେବଗଡ଼ ଜିଲା ରିଆମାଳ ଥାନା ଅଧିନ ରେଙ୍ଗାଲବେଡା ହନୁମାନ ମନ୍ଦିର ନିକଟରେ ୫୩ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ମିନିଟ୍ରକ ଏକ ବାଇକ୍‌କୁ ଧକ୍କା ଦେବା ଫଳରେ ଧୀରେନ୍ଦ୍ର ସାହୁ (୩୫) ନାମକ ଜଣେ ଗୃହରକ୍ଷୀଙ୍କର ମୃତ୍ୟୁ ଘଟିଛି। ଗୃହରକ୍ଷୀଙ୍କ ସହିତ ବାଇକ୍‌ରେ ବସିଥିବା ତାଙ୍କର ଶିଶୁ କନ୍ୟା ସ୍ନେହାରାଣୀ (୫) ଓ ବଡ଼ବାପା ନାଥ ସାହୁ (୬୩) ଗୁରୁତର ଆହତ ହୋଇଛନ୍ତି। କୁଣ୍ଢେଇଗୋଲା ଥାନା ଅଧିନ କଣ୍ଟାବାହାଳ (ରତାଖଣ୍ଡି) ଗ୍ରାମରେ ସେମାନଙ୍କ ଘର। ଧୀରେନ୍ଦ୍ର କୌଣସି କାମରେ ଶିଶୁକନ୍ୟା ଓ ବଡ଼ବାପାଙ୍କ ସହ ଏକ ବାଇକ୍ ଯୋଗେ ଦେବଗଡ଼କୁ ଆସିଥିଲେ। ସନ୍ଧ୍ୟାରେ ସେମାନେ ନିଜ ଘରକୁ ଫେରୁଥିଲେ। ୫୩ ନମ୍ବର ଜାତୀୟ ରାଜପଥରେ ଏକ ମିନିଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରୁ ତିନିଜଣ ଯାକ ଛିଟିକି ପଡିଥିଲେ। ଧୀରେନ୍ଦ୍ରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ସ୍ନେହାରାଣୀ ଓ ନାଥ ଗୁରୁତର ଆହତ ହୋଇଥିଲେ।

## ଗୁଟ୍‌କା ଖସିବାରୁ ଦବିଗଲା ସେଣ୍ଟ୍ରିଂ

### ନିର୍ମାଣାଧୀନ ପୋଲ ଦବିବା ଘଟଣା

ସମ୍ବଲପୁର,୧୫।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କୟାକୁଦ ପଞ୍ଚାୟତ ଆମ୍ବପାଲ ଜୋରରେ ନିର୍ମାଣାଧୀନ ପୋଲ ସୋମବାର ସନ୍ଧ୍ୟାରେ ଦବି ଯାଇଥିଲା। ଏହି ଘଟଣାରେ ମଙ୍ଗଳବାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗର ବୈଷୟିକ ଟିମ୍ ପହଞ୍ଚି ଏହାର ତର୍ଜମା କରିଛି। ସେଣ୍ଟ୍ରିଂ ହୋଇଥିବା ଗୋଟିଏ ପିଲର୍‌ର ଗୁଟ୍‌କା (କାଠ ଚଉକା) ଭାଙ୍ଗି ଖସିଯିବାରୁ ଉକ୍ତ ସ୍ଥାନରେ ସେଣ୍ଟ୍ରିଂ ସାମାନ୍ୟ ଦବିଯାଇଥିଲା ବୋଲି ଟିମ୍ ସଦସ୍ୟ ଏସ୍‌ଡିଓ ଦଳଗୋବିନ୍ଦ ବେହେରା କହିଛନ୍ତି। କାର୍ଯ୍ୟରତ ଠିକାଦାରଙ୍କୁ ଢ଼ଳାଯାଇଥିବା କଂକ୍ରିଟ ହଟାଇବା ସହ ରି-ସେଣ୍ଟ୍ରିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରି-ସେଣ୍ଟ୍ରିଂ ପରେ ପୁଣି ଥରେ ଯାଞ୍ଚ କରାଯାଇ ଢ଼ଳେଇ କାମ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ସୋମବାର ପୋଲର ଢ଼ଳେଇ କାମ ଚାଲିଥିଲା। ଏହି ସମୟରେ ପ୍ରଥମ ପିଲର୍‌ର ମଝି ସ୍ଥାନ ଦବି ଯାଇଥିଲା। ମରାମତି କରି କାମ କରିବା ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ଆଉଥରେ କାମ କରିବା ପାଇଁ ଦାବି କରିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ କାମ ବନ୍ଦ କରିଦିଆଯାଇଥିଲା।

## ହେମଗିରରେ ମଡେଲ ମଣ୍ଡି ସ୍ଥାପନ କର୍ମଶାଳା

ସୁନ୍ଦରଗଡ଼,୧୫।୧୨ (ଡି.ଏନ୍.ଏ)

ଜିଲା ପ୍ରଶାସନ ତଥା ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ମଙ୍ଗଳବାର ହେମଗିର ବ୍ଲକ ସଭାଗୃହ ଠାରେ ବ୍ଲକସ୍ତରୀୟ ମଡେଲ ମଣ୍ଡି ସ୍ଥାପନ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ହେମଗିର ବିଡିଓ ଡ. ଜଗଦୀଶ ମହାନନ୍ଦିଆ, ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବନମାଳୀ ନାଏକଙ୍କ ସମେତ କୃଷି, ଉଦ୍ୟାନ ବିଭାଗ, କେନ୍ଦ୍ର ସମବାୟ ବ୍ୟାଙ୍କର ଅଧିକାରୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ସ୍ୱୟଂ ସହାୟକ ଦଳ ଓ ଚାଷୀଙ୍କୁ ମଡେଲ ମଣ୍ଡି ସମ୍ପର୍କରେ ବୁଝାଇଥିଲେ। ଏହି ମଡେଲ ମଣ୍ଡି ମାଧ୍ୟମରେ ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟର ବିକ୍ରୟ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା।

## ପରୀ ହତ୍ୟାକାଣ୍ଡକୁ ରାଜ୍ୟ ସରକାର ଘଷ୍ଟି ଘୋଡ଼ାଉଛନ୍ତି

### ସୁନ୍ଦରଗଡ଼ରେ ଭାଜପା ରାଜ୍ୟ ସଭାପତି

ସୁନ୍ଦରଗଡ଼, ୧୫।୧୨ (ଡି.ଏନ୍.ଏ)

ପରୀ ହତ୍ୟାକାଣ୍ଡକୁ ରାଜ୍ୟ ସରକାର ଘଷ୍ଟି ଘୋଡାଇବା ପାଇଁ ଉଦ୍ୟମ କରୁଛନ୍ତି। ଏହି ହତ୍ୟାକାଣ୍ଡର ସିବିଆଇ ତଦନ୍ତ ନ ହେବା ପର୍ଯ୍ୟନ୍ତ ଭାଜପା ଆନ୍ଦୋଳନ ଜାରି ରଖିବ। ରାଜ୍ୟରେ ଆଇନ୍ ଶୃଙ୍ଖଳା ଅବନ୍ତି ଓ ପରୀ ହତ୍ୟାକାଣ୍ଡ ଘଟଣାରେ ରାଜ୍ୟସରକାରଙ୍କ ଅସଲ ମୁଖା ଖୋଲିବା ପାଇଁ ଭାଜପା ପକ୍ଷରୁ ରାଜ୍ୟର ୧୪୭ଟି ନିର୍ବାଚନ ମଣ୍ଡଳୀରେ ଜନସଚେତନତା ପଦଯାତ୍ରା କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରକାଶ କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଭାଜପା ରାଜ୍ୟ ସଭାପତି ସୁନ୍ଦରଗଡ ଗସ୍ତରେ ଆସି ଦଳୀୟ ଜିଲା କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ ଉଦବୋଧନ ଦେଇ ପ୍ରକାଶ କରିଛନ୍ତି। ସେ କହିଛନ୍ତି ପରୀ ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କୁ ଉଚିତ୍ ଦଣ୍ଡ ଓ ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବିନେଇ ଆଗାମୀ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରୁ ନୟାଗଡ ପଦଯାତ୍ରା କରାଯିବ ବୋଲି ସେ ସୂଚନା ଦେଇଥିଲେ। ତଳସରା ବିଧାୟକ ତଥା ଜିଲା ଭାଜପା ସଭାପତି ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସାଂସଦଙ୍କ ଜିଲା ପ୍ରତିନିଧି ବଟକିଶୋର ମିଶ୍ର, ଅଜୟ ପଟେଲ, ଜିଲା ପ୍ରଭାରୀମୂରଲୀକ୍ରିଷ୍ଣା, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ବରିଷ୍ଠ ନେତା ସହଦେବ ଖାଖା, ଭାଜପା ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ, ବିଶ୍ୱଜିତ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା ସଭାପତି ସମୀର ମହାନ୍ତି ଉଦ୍‌ବୋଧନ ଦେଉଛନ୍ତି ।

## ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର


ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା ଚାଲିଛି ।

ଦେବଗଡ଼, ୧୫।୧୨(ଡି.ଏନ.ଏ)

ପଶ୍ଚିମ ଓଡ଼ିଶାର ସର୍ବପୁରାତନ ବେସରକାରୀ କଲେଜ ଭାବେ ପରିଚିତ ଦେବଗଡ଼ ମହାବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ଓ ସୁବର୍ଣ୍ଣଜୟନ୍ତୀ ସ୍ମାରକୀ ଫାଟକ ନିର୍ମାଣ ଦାବି ହୋଇଛି। ଏନେଇ ମଙ୍ଗଳବାର ଦେବଗଡ଼ କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ) ନିର୍ବାହୀ ଯନ୍ତ୍ରୀ ନାରାୟଣ ପଟେଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦେବଗଡ କଲେଜ ପୁରାତନ ଛାତ୍ର ସଂସଦର ସଭାପତି ଉମାଶଙ୍କର ସାହୁ, ସମ୍ପାଦକ ସିଦ୍ଧାର୍ଥ ଗୁରୁ, କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ସୁଧିର କୁମାର କପରଦାର, ପୂର୍ବତନ ନଗରପାଳ ସୁଶୀଳ କୁମାର କପରଦାର, ପୂର୍ବତନ ଉପନଗରପାଳ ବସନ୍ତ କୁମାର ମିଶ୍ର, ପୁରାତନ ଛାତ୍ର ତଥା ପୂର୍ବତନ କାଉନସିଲର ନବୀନ କୁମାର ପାଣି, ଶ୍ରୀକାନ୍ତ କୁମାର ସାହୁ, ଶଶାଙ୍କ ଶେଖର ଖାଙ୍କର, ଅନୁଜ କୁମାର ପ୍ରଧାନ, ପଞ୍ଚୁଲାଲ ବରାଇ, ବିଶ୍ୱରଞ୍ଜନ ସାହୁ ଓ ବିକାଶ ଖଡିରତ୍ନ ପ୍ରମୁଖ ଦେବଗଡ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ନିର୍ବାହୀ ଯନ୍ତ୍ରୀ ନାରାୟଣ ପଟେଲଙ୍କୁ ସାକ୍ଷାତକରି କଲେଜରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲଗାଯାଇଥିବା ଗଛ ଗଣତି

ରାଜଗାଙ୍ଗପୁର, ୧୫।୧୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବନବିଭାଗ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ୨୦୧୯-୨୦ ବର୍ଷରେ ଲଗାଯାଇଥିବା ଗଛଗୁଡିକର ଗଣତି ଆରମ୍ଭ ହୋଇଛି। ଏହି ଯୋଜନାରେ ବ୍ଲକର ମାଲିଡିହି ଗ୍ରାମର ଡନ କଲ୍ଲୁ, ବିନୋଦ ଲାକଡା, ଡୁଡି ଗ୍ରାମର ମିର୍ଦ୍ଧା ମିଞ୍ଜ, ଲେଚେ ଲାକଡା, ଘାସିରାମ ଲାକଡାଙ୍କ ସମୁଦାୟ ୪ ହେକ୍ଟର ଜମିରେ, ଅଲଣ୍ଡା ଗ୍ରାମ ପଞ୍ଚାୟତର ଗବରପେଟି ଗ୍ରାମର ଅନିଲ ଟପ୍ପୋ, ଲାଙ୍ଗକଲୋନୀ ଗ୍ରାମର ଯୋସେଫ ମିଞ୍ଜ, ଯୁଗନୁ ଟପ୍ପୋ, କିଶୋର ଏକ୍କା, ମେରିମାରଗ୍ରେଟ ଲାକଡା ଓ ଥୋପାବେର୍ଣ୍ଣାର ଅଜିତ ବେଗଙ୍କ ସମୁଦାୟ ୮ ହେକ୍ଟର ଜମିରେ ଶାଗୁଆନ, ଲିମ୍ବ, ଚାକୁଣ୍ଡା, କରଞ୍ଜ ଭଳି ଗଛ ଲଗାଇ ଏହାର ରକ୍ଷଣାବେକ୍ଷଣ କରାଯାଉଛି। ବିଭାଗ ପକ୍ଷରୁ ପ୍ରତାପପୁର ପାହାଡ ଓ ଖେରାମୁଡା ପାହାଡରେ ସର୍ବମୋଟ ୨୫ ହେକ୍ଟର ସରକାରୀ ଜମିରେ ଗଛ ଲଗାଯାଇଛି। ଉକ୍ତ ଗଛଗୁଡିକୁ ଲଗାଯିବାର ୧ବର୍ଷ ହୋଇଥିବାବେଳେ ବଞ୍ଚିଥିବା ଗଛଗୁଡିକୁ ଗଣତି ପାଇଁ ବିଭାଗକୁ ଡିଏଫଓ ସଞ୍ଜୟ କୁମାର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଗଛଗଣତି କାର୍ଯ୍ୟକ୍ରମ ଚାଲିଥିବାବେଳେ ମାଲିଡିହି ଅଞ୍ଚଳରେ ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ଗଛ ବଞ୍ଚିଥିବାର ଦେଖିବାକୁ ମିଳିଛି। ଅଲଣ୍ଡା ଅଞ୍ଚଳରେ ୯୦ ପ୍ରତିଶତରୁ ଅଧିକ ଗଛ ବଞ୍ଚିଥିବା ଦେଖିବାକୁ ମିଳିଥିଲା। ଗଛ ଲଗାଯାଇଥିବା ଜମି ଦେଖିଲା ପରେ ଏ ବାବଦରେ ରେଞ୍ଜର ଚନ୍ଦ୍ରଶେଖର ଗଡନାୟକଙ୍କୁ ପଚରାଯିବାରୁ ବନ କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମ ବଳରେ ଏତେ ଗୁଡାଏ ଗଛ ବଞ୍ଚିଥିବା ପ୍ରକାଶ କରିଥିଲେ।


ରାଜଗାଙ୍ଗପୁର ବନବିଭାଗ ପକ୍ଷରୁ ଲାଗିଥିବା ଗଛ।

# ବାମରା ଷ୍ଟେଶନରେ ୪ ଘଣ୍ଟା ରେଳରୋକୋ

### ଏକ୍ସପ୍ରେସ ଟ୍ରେନ୍ ରହଣି ଦାବି
■ଲିଖିତ ପ୍ରତିଶ୍ରୁତି ପରେ ହଟିଲେ ବିକ୍ଷୋଭକାରୀ

ସମ୍ବଲପୁର, ୧୫।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ବାମରା ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଓ ଓଭରବ୍ରିଜ୍ ନିର୍ମାଣ ଦାବି ନେଇ ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ପୂର୍ବ ଘୋଷଣା ମୁତାବକ ମଙ୍ଗଳବାର ସକାଳ ୬ଟାରୁ ବାମରା ଷ୍ଟେଶନରେ ରେଳରୋକୋ କରାଯାଇଥିଲା। ରେଳ କ୍ରିୟାନୁଷ୍ଠାନ କମିଟି ଆବାହକ ରମେଶ ଅଗ୍ରୱାଲ, ସହ ଆବାହକ କ୍ଷୀରୋଦ ସା, ସଂଯୋଜକ ପ୍ରଦୀପ ମିଶ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାୟକ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ପ୍ରାୟ ୪ଘଣ୍ଟା ଧରି ଆନ୍ଦୋଳନକାରୀ ରେଳ ଧାରଣା ଉପରେ ବସିରହିଥିଲେ। ଫଳରେ ହାୱଡା-ଅହମ୍ମଦାବାଦ ଏକ୍ସପ୍ରେସ, ରାଉରକେଲା- ଭୁବନେଶ୍ୱର ଇଣ୍ଟରସିଟି, ଦୁର୍ଗ-ଧନପୁର ସାଉଥବିହାର ଏକ୍ସପ୍ରେସ ସହିତ ୪ଟି ମାଲବାହୀ ଟ୍ରେନ ଯାତାୟାତ ପ୍ରଭାବିତ ହୋଇଥିଲା। କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ସାହୁ ଓ ରେଳ ବିଭାଗର ସ୍ଥାନୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ଚନ୍ଦ୍ରଶେଖରପୁର ରେଳ ଡିଭିଜନ ଆସିଷ୍ଟାଣ୍ଟ ରେଳ ମ୍ୟାନେଜର ଏ.କେ. ପଣ୍ଡାଙ୍କ ସହ ଆଲୋଚନା କରି ସ୍ଥାନୀୟ ରେଳ ବିଭାଗ କର୍ମଚାରୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ବାତିଲ ଟ୍ରେନଗୁଡିକ ଏକମାସ ଭିତରେ ରହିବାର ବ୍ୟବସ୍ଥା କରାଯିବ। ଏହାସହ ନିର୍ମାଣାଧୀନ ଓଭରବ୍ରିଜ୍ କାମ ତ୍ୱରାନ୍ୱିତ କରାଯିବ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାମରା ସରପଞ୍ଚ ମିନାକ୍ଷୀ ମାଝି, ପ୍ରଶାନ୍ତ ଶତପଥୀ, ମନୋଜ ରାଜ, ଦିଲୀପ ଅଗ୍ରୱାଲ, ମହାବୀର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଯେ, ବାମରା ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ବାତିଲ କରାଯାଇଥିଲା। ଏହାକୁ ନେଇ ଦଳମତ ନିର୍ବିଶେଷରେ ସମସ୍ତେ ଆନ୍ଦୋଳନକୁ ଓହ୍ଲାଇଥିଲେ।


ବାମରା ରେଳ ଷ୍ଟେଶନରେ ରେଳରୋକୋ କରାଯାଇଛି ।

## ୨୨ରେ ଭାଜପାର ଚାଷୀ ସମାବେଶ

ସମ୍ବଲପୁର,୧୫।୧୨(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ କୃଷି ଆଇନ ବିଷୟରେ ଜଣାଇବା ପାଇଁ ବରଗଡ଼ ଜିଲାରେ ଭାଜପା ପକ୍ଷରୁ ଆସନ୍ତା ୨୨ରେ ଚାଷୀ ସମାବେଶ ଅନୁଷ୍ଠିତ ହେବ। ଏଥିରେ ବରିଷ୍ଠ ନେତାମାନେ ଯୋଗଦାନ କରିବାକୁ ସ୍ଥିର ହୋଇଛି ବୋଲି ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି କହିଥିଲେ। ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଥିଲେ, ରାଜ୍ୟର ସମସ୍ତ ମଣ୍ଡିରେ ଅବ୍ୟବସ୍ଥା ଲାଗିରହିଛି। ଚାଷୀମାନେ ଟୋକନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲାସ୍ତରୀୟ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ କରା ନ ଯାଇ ଭୁବନେଶ୍ୱରରେ ନିର୍ଦ୍ଧାରଣ କରାଯାଉଛି। ଫଳରେ ଚାଷୀମାନେ ହଇରାଣ ହେଉଛନ୍ତି। ଜିଲାପାଳ, ଯୋଗାଣ ବିଭାଗ ଚାଷୀଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଉନାହାନ୍ତି। କଟ୍‌ନୀଛଟ୍‌ନୀ କରିବାକୁ ମିଲର୍ସମାନଙ୍କୁ ପରୋକ୍ଷ ଭାବେ ସରକାର ସହଯୋଗ କରୁଛନ୍ତି। ମିଲର୍ସମାନେ ଜ୍ୱାଇଁପୁଅ ଓ ଚାଷୀମାନେ ସାବତ ପୁଅ ଭଳି ରାଜ୍ୟ ସରକାର ବ୍ୟବହାର କରୁଛନ୍ତି। ନୟାଗଡ଼ରେ ପରୀକୁ ଅପହରଣ ପରେ ହତ୍ୟା କରାଗଲା। ମାମଲା ଚପାଇ ଦେବାକୁ ସବୁ ସ୍ତରରେ ଉଦ୍ୟମ କରାଗଲା। ମନ୍ତ୍ରୀ ଅରୁଣ ସାହୁଙ୍କ ଜଣେ ଘନିଷ୍ଠ ସହଯୋଗୀ ଘଟଣାରେ ସମ୍ପୃକ୍ତ ଅଛନ୍ତି। ୪ମାସ ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିପାରି ନ ଥିଲା। ବିଧାନସଭା ସମ୍ମୁଖରେ ପରୀର ମା'ବାପା ଆତ୍ମହତ୍ୟା ଉଦ୍ୟମ ପରେ ସରକାର ଚେଇଁଲେ। ନୟାଗଡ଼ରେ ଭାଜପା କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ ପରୀକୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନ କରିଥିଲେ। ହେଲେ ସରକାର ପୋଲିସ ଲଗାଇ ତାଙ୍କ ଉପରେ ମିଛ ମାମଲା ରୁଜୁ କରିଦେଲେ। ପରୀ ପରିବାରକୁ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ। ଡିସେମ୍ବର ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ପଦଯାତ୍ରା କରାଯିବ ବୋଲି କହିଥିଲେ। ବିଧାୟକ ନାଉରୀ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସଭାପତି ଗିରିଶ ଚନ୍ଦ୍ର ପଟେଲ ଉପସ୍ଥିତ ରହିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ଲହୁଣୀପଡା,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲମସି ଗ୍ରାମରେ ସୁବର୍ଣ୍ଣ ପାତ୍ର (୪୬) ନାମକ ଜଣେ ବ୍ୟକ୍ତି ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ବେଳେ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ସୁବର୍ଣ୍ଣ ନିକଟସ୍ଥ ଶଗଡିଆପୋଷ ଗାଁ ପୋଖରୀକୁ ମଙ୍ଗଳବାର ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବାବେଳେ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ମୃତ ସୁନା ବ୍ୟବସାୟୀଙ୍କ ପରିବାରକୁ ଭେଟିଲେ ନରସିଂହ

ଦେଓଗାଁ,୧୫।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ହାତିସରାର ଯୁବ ସୁନା ବ୍ୟବସାୟୀ ଗଜାନନ ମେହେରଙ୍କ ଗଳିତ ମୃତଦେହ ଚିପାକାନୀ ଜଙ୍ଗଲରୁ ଉଦ୍ଧାର ଘଟଣା ମାସେରୁ ଉର୍ଦ୍ଧ୍ୱ ବିତି ଗଲାଣି। ପରିବାର ତରଫରୁ ହତ୍ୟା ଅଭିଯୋଗ ହୋଇଥିଲେ ହେଁ ହତ୍ୟାକାରୀକୁ ଧରିବାରେ ପୋଲିସ ବିଫଳ ରହିଛି। ମଙ୍ଗଳବାର ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଗଜାନନଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସାକ୍ଷାତ କରିଥିଲେ।

### ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ

ଲୋଇସିଂହା,୧୫।୧୨(ଡି.ଏନ.ଏ) ବଲାଙ୍ଗୀର ଜିଲା ଲୋଇସିଂହା କଲ୍ୟାଣ ମଣ୍ଡପରେ ବ୍ଲକ କଂଗ୍ରେସର ସାଙ୍ଗଠନିକ ଓ ନୂତନ କମିଟି ଗଠନ ଉପରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନବକିଶୋର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ ପର୍ଯ୍ୟବେକ୍ଷକ ସତ୍ୟଭୂଷଣ ସାହୁ ଯୋଗ ଦେଇଥିଲେ। ଦଳକୁ ସୁଦୃଢ କରିବାକୁ ହେଲେ କର୍ମୀ ସଙ୍ଗଠିତ ହେବାକୁ ସେ ପରାମର୍ଶ ଦେଇଥିଲେ। ସହମତିଭିତ୍ତିରେ ନୂତନ କମିଟି ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ପ୍ରବକ୍ତା ସମରେନ୍ଦ୍ର ମିଶ୍ର କହିଥିଲେ ଯେ, ଏବେ ବିରୋଧୀଙ୍କ ଟାର୍ଗେଟରେ କଂଗ୍ରେସ। ନିର୍ବାଚନ ସମୟରେ ବିରୋଧୀ ଜାତୀୟତା ଉଗ୍ରବାଦ ସୃଷ୍ଟିକରି କ୍ଷମତାକୁ ଆସୁଥିବା ସେ କହିଥିଲେ। ପଞ୍ଚାୟତସ୍ତରରେ ହେଉଥିବା ଦୁର୍ନୀତି ଓ ଜନସମସ୍ୟାକୁ ଏଜେଣ୍ଡା କରି ଲୋକଙ୍କ ଆସ୍ଥାଭାଜନ ହେବାକୁ ସେ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା କମିଟି ସଭାପତି ଦିଲୀପ କୁମାର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା ବକ୍ତବ୍ୟ ରଖିଥିଲେ।

### ଭିନ୍ନକ୍ଷମ ଗୁରୁଙ୍କୁ ଡାକ୍ତରଖାନା ପଠାଇଲେ ସାମାଜିକ ସଂଗଠନ

ଲୋଇସିଂହା,୧୫।୧୨(ଡି.ଏନ.ଏ.) ଲୋଇସିଂହା ବ୍ଲକ ଛେଲବାହାଲ ଗାଁର ଭିନ୍ନକ୍ଷମ ଗୁରୁ ଷାଣ୍ଡ ଦୂରାରୋଗ୍ୟରେ ପୀଡିତ। ଅର୍ଥାଭାବରୁ ତାଙ୍କର ଚିକିତ୍ସା ହୋଇ ପାରୁନାହିଁ। ଏଥିଯୋଗୁ ଏବେ ସେ ତାଙ୍କ ବାମ ହାତ ହରାଇବାକୁ ବସିଛନ୍ତି। ଏ ସମ୍ପର୍କରେ ଧରିତ୍ରୀରେ ଗତ ୧୧ ତାରିଖ ଚିକିତ୍ସା ନ ମିଳିଲେ ହାତ ହରାଇବେ ଭିନ୍ନକ୍ଷମ ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ସୋମବାର ଲିବେରେସନ ଟ୍ରଷ୍ଟ ନାମକ ଏକ ସଂସ୍ଥାର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭିମସାର ସ୍ଥାନାନ୍ତର କରାଯାଇଛି। ଗୁରୁ ଜନ୍ମରୁ ପୋଲିଓଗ୍ରସ୍ତ। ତାଙ୍କ ବାମଗୋଡ କାମ କରେନାହିଁ। ଆଣ୍ଠାବାଡି ଧରି ଚାଲାବୁଲା କରନ୍ତି। ପରିବାର କହିଲେ ସେ ଓ ତାଙ୍କ ସ୍ତ୍ରୀ। ମାସକ ତଳେ ଗୁରୁଙ୍କ ବାମ ହାତ ପାପୁଲିରେ ଏକ ଘା ହୋଇଥିଲା। ଘାରେ ନଖା ବାଜିଯିବା ପରେ ଏହା ଇନଫେକସନ ହୋଇଯାଇଥିଲା। ଚିକିତ୍ସା ସୁବିଧା ନ ପାଇ ସେ ଘରେ ପଡି ରହିଥିଲେ। ବଲାଙ୍ଗୀର ଲିବେରେସନ ଟ୍ରଷ୍ଟର ଅଧ୍ୟକ୍ଷ ସତ୍ୟ ନାରାୟଣ ହୋତା, ଦିବ୍ୟରଞ୍ଜନ ପଣ୍ଡା ଗୁରୁଙ୍କୁ ବଲାଙ୍ଗୀର ମେଡିକାଲ ନେଇଥିଲେ।

### ବୌଦ୍ଧର ଦୁଇ ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ

ବୌଦ୍ଧ,୧୫।୧୨( ସ୍ୱପ୍ର)-ବୌଦ୍ଧ ଜିଲା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ବୌଦ୍ଧର ପ୍ରଥମ ଜିଲା ପରିଷଦ ଅଧକ୍ଷ ଥିବା ଶେଖ ସଲିମ (୭୫)ଙ୍କ ପ୍ରତ୍ୟୁଷରେ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ସଲିମ ବୌଦ୍ଧରେ ଚମଡା କାରଖାନା କରି ସେନା ପାଇଁ ଜୋତା ଯୋଗାଇ ଦେବା ସହିତ ଦେଶର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ତାଙ୍କ ବିୟୋଗ ଖବର ପାଇ ବୌଦ୍ଧ ସହରସ୍ଥିତ ତାଙ୍କ ବାସଭବନକୁ ବହୁ ବିଶିଷ୍ଟ ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ। ସରକାରୀ କଟକଣା ଯୋଗୁ ତାଙ୍କର ଚମଡା ଶିଳ୍ପ ବହୁ ବର୍ଷ ହେଲା ବନ୍ଦ ହୋଇ ଯାଇଥିଲେ ମଧ୍ୟ ବୌଦ୍ଧବାସୀ ତାଙ୍କୁ ସର୍ବଦା ମନେ ରଖିବେ। ସେହିପରି ବୌଦ୍ଧର ଜଣେ ନିଖୁଣ ଚିତ୍ରକର ଭାବରେ ଜଣାଶୁଣା ଉଦୟ ସିଂହ (୫୫)ଙ୍କ ପରଲୋକ ଘଟିଛି। ସେ ଶଯ୍ୟାଶାୟୀ ଥିଲେ। ଜିଲାର ସଭାଗୃହ ହେଉ କି କାର୍ଯ୍ୟାଳୟର କାନ୍ଥ ଅନେକ ସ୍ଥାନରେ ଉଦୟଙ୍କ ଚିତ୍ରକଳାର ଝଲକ ଦେଖିବାକୁ ମିଳିଥାଏ। ତେବେ ସହରର ଗୋଟିଏ ଗଳିରେ ରହୁଥିବା ଏହି ଦୁଇ ବିଶିଷ୍ଟ ବ୍ୟକ୍ତିଙ୍କ ଗୋଟିଏ ଦିନରେ ପରଲୋକ ଖବର ପାଇ ଶୋକର ଛାୟା ଖେଳିଯାଇଛି।

# ସୁବର୍ଣ୍ଣପୁରରେ ପାଠକ ଲିଙ୍କ୍: ସିଡବ୍ଲ୍ୟୁସିର ତଦନ୍ତ

ସୋନପୁର,୧୫।୧୨(ନି.ପ୍ର.)

ନିଲମ୍ବିତ ଆଇଏଫଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ପରିବାର ଲିଙ୍କ୍ ସୁବର୍ଣ୍ଣପୁର ଜିଲା ପର୍ଯ୍ୟନ୍ତ ଲମ୍ବିଛି। ଅଭୟକାନ୍ତ ବୀରମହାରାଜପୁର ଅଞ୍ଚଳର ଜଣେ ଦଲାଲଙ୍କ ଜରିଆରେ ନିଯୁକ୍ତି ଦେବା ଓ ବିଭିନ୍ନ ପ୍ରଲୋଭନ ଦେଖାଇ ସ୍ଥାନୀୟ ଅଞ୍ଚଳରୁ ନାବାଳିକା ଓ ଯୁବତୀଙ୍କୁ ନେଇ ନିଜ ଘରେ ଏବଂ ଝିଅଙ୍କ ଘରେ ଖଟାଉଥିଲେ। ଉଲୁଣ୍ଡା ବ୍ଲକ କାଦୋଦର ଗାଁର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ପାଠକ ଘରୋଇ ସହାୟିକା ଭାବରେ କାମ କରିବାକୁ ନେଇଥିଲେ। ପାଠକ ପରିବାର ବେଆଇନ ଭାବେ ନିଜ ଘରେ ଶିଶୁ ଶ୍ରମିକ ନିୟୋଜିତ କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି । ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲୁସି) କାଦୋଦର

### ପାଠକଙ୍କ ଝିଅ ଘରେ ନାବାଳିକା କାମ କରିବା ଘଟଣା

ଗ୍ରାମକୁ ଯାଇ ପାଠକଙ୍କ ଝିଅ-ଜ୍ୱାଇଁଙ୍କ ଘର ପାଟନାରୁ ଫେରିଥିବା ନାବାଳିକାଙ୍କୁ ପଚରାଉଚରା କରିବା ପରେ ଏହା ସ୍ପଷ୍ଟ ହୋଇଛି । ସମ୍ପୃକ୍ତ ନାବାଳିକା ଶିଶୁ ମଙ୍ଗଳ କମିଟି ଆଗରେ ପାଠକଙ୍କ ଝିଅଙ୍କ ଘରେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରିଥିବା ନେଇ ବିସ୍ତୃତ ସୂଚନା ଦେଇଛନ୍ତି । କମିଟି ନାବାଳିକାଙ୍କ ପ୍ରକୃତ ଜନ୍ମ ତାରିଖ ଜାଣିବା ପାଇଁ କାଦୋଦର ସ୍କୁଲକୁ ଚିଠି ଲେଖିଛନ୍ତି । ଶିଶୁ ଶ୍ରମିକ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ସୁପାରିଶ କରାଯିବ। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନାବାଳିକାଙ୍କ ପରିବାରର ଆର୍ଥିକ ସ୍ଥିତି ସମ୍ପର୍କିତ ରିପୋର୍ଟ ମାଗିବେ ବୋଲି କମିଟି ଅଧକ୍ଷ ହିମାଂଶୁ ଭୂଷଣ ନାୟକ କହିଛନ୍ତି । ସମ୍ପୃକ୍ତ ନାବାଳିକାଙ୍କ ବାପା ଆର ପାରିକୁ ଚାଲି ଯାଇଥିବା ବେଳେ ଘରେ କେବଳ ନିଜର ବଡ ଭାଇ ସହ ସେ ରହୁଛନ୍ତି। ପାଠକଙ୍କ ଝିଅ-ଜ୍ୱାଇଁଙ୍କ ଘରେ ସେ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ପାରିଶ୍ରମିକ ବାବଦକୁ ୨୦ ହଜାର ଟଙ୍କା ପାଇ ନ ଥିବା କମିଟି ଆଗରେ ପ୍ରକାଶ କରିଛନ୍ତି। ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ନାୟକ, ସଭ୍ୟ ବରୁଣ ମହାନ୍ତି, ସଭ୍ୟା ରଞ୍ଜିତା ସାହୁ ପ୍ରମୁଖ ନାବାଳିକାଙ୍କ ଗାଁକୁ ଯାଇଥିଲେ। ନାବାଳିକାଙ୍କ ଯତ୍ନ ଓ ସୁରକ୍ଷା ପାଇଁ ତାଙ୍କ ପରିବାର ସହ ଆଲୋଚନା କରିବା ସହିତ ପ୍ରାଥମିକ ତଦନ୍ତ କରିଛନ୍ତି । ଶ୍ରମ ଆଇନ ଅନୁଯାୟୀ ନାବାଳିକାଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁସାରେ ସମ୍ପୃକ୍ତ ନାବାଳିକା ଜଣକ କିଛି ଦିନ ଭୁବନେଶ୍ୱରରେ କାମ କରିଥିଲେ। ଏହାପରେ ପାଠକ ବିହାରର ପାଟନା ସହରରେ ଥିବା ନିଜ ଝିଅ ଘରକୁ ତାଙ୍କୁ ପଠାଇଥିଲେ। ସେଠାରେ ବୀରମହାରାଜପୁର ଲୁମୁରଜୁନା ଗାଁର ଅନ୍ୟ ଜଣେ ଯୁବତୀ ଜଗଦା ପଧାନ ମଧ୍ୟ କାମ କରୁଥିଲେ। ପାଠକଙ୍କ ପୁଅ ଆକାଶଙ୍କ ବାହାଘର ହେବାକୁ ଥିବାରୁ ଗତ ମାସରେ ଏହି ୨ ଝିଅ ଓ ଅନ୍ୟ ଜଣେ ଯୁବକଙ୍କୁ ନେଇ ପାଠକଙ୍କ ଝିଅ ଭୁବନେଶ୍ୱର ଫେରିବା ବେଳେ ବାରଙ୍ଗ ଷ୍ଟେସନ ନିକଟସ୍ଥ ରେଲଲାଇନ୍‌ରୁ ଜଗଦାଙ୍କ ମୃତଦେହ ମିଳିଥିଲା। ଯୁବତୀ ଜଗଦାଙ୍କ ମୃତ୍ୟୁକୁ ନେଇ ନା ନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ତଦନ୍ତ କଲେ ଦୁଇଜଣିଆ ଟିମ୍



ଦୁଇ ତଦନ୍ତକାରୀ ଅଧିକାରୀ ସିଡିଏମ୍‌ଓ ଅଫିସରେ ତଦନ୍ତ କରୁଛନ୍ତି ।

ବଲାଙ୍ଗୀର ଅଫିସ,୧୫।୧୨

ବଲାଙ୍ଗୀର ସହରର ଏକ କୋଭିଡ ସେଣ୍ଟରରେ କିଛିଦିନ ତଳେ ଜଣେ କରୋନା ସଂକ୍ରମିତ ଯୁବତୀଙ୍କୁ ରଖାଯାଇଥିଲା। ମାତ୍ର ସେଠାରେ କର୍ତ୍ତବ୍ୟରତ ଜଣେ ଆୟୁଷ ଡାକ୍ତର ସମ୍ପୃକ୍ତ ଯୁବତୀଙ୍କୁ ରାତିରେ ଅସଦାଚରଣ ଉଦ୍ୟମ କରିଥିଲେ। ଯୁବତୀ ଜଣକ ଚିତ୍କାର କରିବାରୁ ଅନ୍ୟ ସଂକ୍ରମିତ ଓ କୋଭିଡ ସେଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ଖବର ପାଇ ଯୁବତୀଙ୍କ ପରିବାର ସଦସ୍ୟ ସେଠାରେ ପହଞ୍ଚି ଅସଦାଚରଣ ଉଦ୍ୟମ କରିଥିବା ସମ୍ପୃକ୍ତ ଡାକ୍ତରଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ । ଘଟଣା ସମ୍ପର୍କରେ ଟାଉନ୍ ଥାନା ପୋଲିସ ଖବର ପାଇବା ପରେ ପିସିଆର ଟିମ୍ କୋଭିଡ ସେଣ୍ଟରରେ ପହଞ୍ଚି ସମ୍ପୃକ୍ତ ଡାକ୍ତରଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏତେ ସବୁ କାଣ୍ଡ ହେବା ସତ୍ତ୍ୱେ ପୋଲିସ ଥାନାରେ ମାମଲା ରୁଜୁ କରି ନ ଥିଲା ।ସମ୍ପୃକ୍ତ ଆୟୁଷ ଡାକ୍ତରଙ୍କୁ ବଞ୍ଚାଇବାକୁ ଯାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଧ କିଛି ବି ପଦକ୍ଷେପ ନେଇ ନ ଥିଲେ। ଲୋକଲଜ୍ଜା ଭୟରେ ହେଉ ବା ଚାପରେ

### କୋଭିଡ୍ ସେଣ୍ଟରରେ ଯୁବତୀଙ୍କୁ ଅସଦାଚରଣ ଉଦ୍ୟମ ଘଟଣା

ସମ୍ପୃକ୍ତ ଯୁବତୀ ଜଣକ ଘଟଣାକୁ ନେଇ ଅଭିଯୋଗ କରି ନ ଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବିଧାନସଭାରେ ଉଠାଇ ଏହାର ବିଧିବଦ୍ଧ ଯାଞ୍ଚ କରିବାକୁ ଦାବି କରିଥିଲେ। ଯୁବତୀ ଅସଦାଚରଣ ଘଟଣାର ତଦନ୍ତ କରିବାକୁ ଡାଇରେକ୍ଟର ଅଫ୍ ମେଡିକାଲ ଏଜୁକେଶନ୍ ଆଣ୍ଡ ଟ୍ରେନିଂ (ଡିଏମ୍‌ଇଟି) ନିର୍ଦ୍ଦେଶ ଦେଇଥିଲେ। ଡିଏମ୍‌ଇଟିଙ୍କ ନିର୍ଦ୍ଦେଶରେ କଟକ ଏସସିବି ମେଡିକାଲ କଲେଜର ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ବନବିହାରୀ ମିଶ୍ର ଓ ଡା. ନିର୍ମଳ ମହାପାତ୍ର ମଙ୍ଗଳବାର ବଲାଙ୍ଗୀର ପହଞ୍ଚିଥିଲେ। ସିଡିଏମ୍‌ଓ ଅଫିସକୁ ଯାଇ ସେମାନେ କାଗଜପତ୍ର ଯାଞ୍ଚ କରିଥିଲେ। ପରେଘଟଣା ସମ୍ପର୍କରେ ସିଡିଏମ୍‌ଓ ଡା ଭୀମ ସାହୁ, କୋଭିଡ ଦାୟିତ୍ୱରେ ଥିବା ଡା ଗିରିଜା ଉଦ୍‌ଗାତାଙ୍କ ସହ ଆଲୋଚନା କରିଥିଲେ। ପୀଡିତା ଯୁବତୀ ଓ ଅଭିଯୁକ୍ତ ଆୟୁଷ ଡାକ୍ତରଙ୍କୁ ମଧ ପଚରାଉଚରା କରିବେ ବୋଲି କହିଥିଲେ। ତଦନ୍ତ ରିପୋର୍ଟ ସେମାନେ ଡିଏମ୍‌ଇଟିଙ୍କୁପ୍ରଦାନ କରିବେ ବୋଲିକହିଛନ୍ତି।

# ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଘାଟିତ



ରାଜ୍ୟସ୍ତରୀୟ ଗଡ଼ଜାତ ଲୋକ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ବୌଦ୍ଧ/ପୁରୁଣାକଟକ, ୧୫।୧୨(ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ମଙ୍ଗଳବାର ଚତୁର୍ଥ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବ-୨୦୨୦ ବନବିଭାଗ ନର୍ସରୀ ପରିସରରେ ଉଦ୍‌ଘାଟିତ ହୋଇଛି । କିନ୍ତୁ କରୋନା କଟକଣା ଯୋଗୁ ମହୋତ୍ସବକୁ କେବଳ ସେବାମୂଳକ କାର୍ଯ୍ୟକ୍ରମ ଦ୍ୱାରା ପାଳନ କରାଯିବ । ଏଥିସହ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ମହୋତ୍ସବ ପାଇଁ ମହୋତ୍ସବ ପରିଷଦର ଅଧକ୍ଷ ବିଶ୍ୱଜିତ ମିଶ୍ର ଓ ଜୟପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ବିରାମଚନ୍ଦ୍ରପୁରର ସୁବର୍ଣ୍ଣମେରୁ ଶିବ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଉତ୍ସବ ସ୍ଥଳରେ ପହଞ୍ଚିଥିଲା ।

### ■ କରୋନା କଟକଣା ଯୋଗୁ ହେବନି ମେଳା ଓ ସାଂସ୍କୃତକ କାର୍ଯ୍ୟକ୍ରମ

ପରିଷଦର ଅଧକ୍ଷ ତଥା ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ଆଇଆରବି କମାଣ୍ଡାଣ୍ଟ ବିଜୟ ପ୍ରକାଶ ବାବୁ ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଲୋକ ଉତ୍ସବ ମାଧ୍ୟମରେ ବଞ୍ଚାଇ ରଖିଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସାଧୁବାଦ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ବୀରନରସିଂହପୁର ସରପଞ୍ଚ ସୁବର୍ଣ୍ଣ ମଲିକ ଯୋଗଦେଇ ମହୋତ୍ସବ ପାଳନ ନେଇ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ଯୋଗଦେଇ କରୋନା କଟକଣାରେ ଅଭିନବ ଉପାୟରେ ମହୋତ୍ସବକୁ ସେବାମୂଳକ କାର୍ଯ୍ୟ ମାଧ୍ୟମରେ ପାଳନ କରାଯାଉଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ବିଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କୋଷାଧକ୍ଷ କୃଷ୍ଣଚନ୍ଦ୍ର ଗାଇଗୌରିଆ ଧନ୍ୟବାଦ ଦେଇଥିଲେ । ମହୋତ୍ସବ ଅବସରରେ ରକ୍ତଦାନ ଶିବିର, ଅସହାୟଙ୍କୁ କମ୍ବଳ ବଣ୍ଟନ ଓ କୃଷକ ଦକ୍ଷତା ତାଲିମ ଶିବିର କରାଯିବ ବୋଲି ଗଡଜାତ କମିଟିର ସମ୍ପାଦକ ଦେବାଶିଷ ମହାକୁଡ ପ୍ରକାଶ କରିଛନ୍ତି । ବ୍ରହ୍ମାକୁମାର ଓ ସାଥୀମାନଙ୍କ ଦ୍ୱାରା ପ୍ରଥମେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ନରେନ୍ଦ୍ର କୁମାର ସାହୁ, ସୁଜ୍ଞାନ କୁମାର ପ୍ରଧାନ, ବସନ୍ତ ପ୍ରଧାନ, ସୁଶାନ୍ତ ପାତ୍ର, ଅଖିଳ ମଲିକ, ବିରାଜ ମହାକୁଡ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ।

# ପୁଅକୁ ବିଷ ପିଆଇ ମା' ପିଇଲେ

ସଇଁତଲା, ୧୫।୧୨(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କୁମ୍ଭାରୀ ଗ୍ରାମରେ ମଙ୍ଗଳବାର ସକାଳେ ଘଟିଛି ଏକ ଅଭାବନୀୟ ଘଟଣା। ସ୍ୱାମୀଙ୍କ ଅତ୍ୟାଚାର ସହି ନ ପାରି ଦୁଇବର୍ଷର ପୁଅକୁ ବିଷ ପିଆଇବା ପରେ ସ୍ତ୍ରୀ ରିଙ୍କି ରଣା(୨୫) ନିଜେ ବିଷ ପିଇ ଦେଇଛନ୍ତି। ତେବେ ଉଭୟ ମା' ଓ ଶିଶୁପୁତ୍ରକୁ

### ■ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି

ଗୁରୁତର ଅବସ୍ଥାରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ରିଙ୍କିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ହେଲେ ଶିଶୁପୁତ୍ର ଲକ୍ଷ୍ମୀକାନ୍ତ(୨)ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ ବୁର୍ଲା ଭିମସାର ସ୍ଥାନାନ୍ତର କରାଯାଇଥିବା ଚିକିତ୍ସା କରୁଥିବା ଡାକ୍ତର ନମିତା ବିଶି କହିଛନ୍ତି। ସଇଁତଲା ମେଡିକାଲ କର୍ତ୍ତୃପକ୍ଷଙ୍କ ରିପୋର୍ଟ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଏଏସ୍‌ଆଇ ମାନଭାୟା ନନ୍ଦ କହିଛନ୍ତି। ଏହି ଘଟଣା ପରେ ମହିଳାଙ୍କ ସ୍ୱାମୀ ଭରତ ରଣା ଫେରାର ହୋଇଯାଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କୁମ୍ଭାରୀ ଗାଁ ଭାଗବତ ମନ୍ଦିର ପଡ଼ାର ଭରତ ରଣା ତିନିବର୍ଷ ତଳେ ସଇଁତଲାର ରିଙ୍କିଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇବର୍ଷର ପୁଅ ଲକ୍ଷ୍ମୀକାନ୍ତ। ଗତ କିଛିମାସ ହେଲା ଭରତ ଘରେ ପ୍ରାୟ ସମୟରେ ପାଟିତୁଣ୍ଡ କରିବା ସହ ରିଙ୍କିଙ୍କୁ ମାରପିଟ କରୁଥିଲେ। ମଙ୍ଗଳବାର କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଭରତ ରିଙ୍କିଙ୍କୁ ମାଡ ମାରିଥିଲେ। ଫଳରେ ଅତିଷ୍ଠ ହୋଇ ରିଙ୍କି ଘରେ ଫସଲରେ ବ୍ୟବହାର ପାଇଁ ରଖାଯାଇଥିବା କୀଟନାଶକ ପୁଅକୁ ପିଆଇ ଦେବା ପରେ ନିଜେ ପିଇ ଦେଇଥିଲେ।

# ରାହାଜାନି ଘଟଣା : ୩ ଗିରଫ

ଡୁଙ୍ଗୁରିପାଲି,୧୫।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ୨୬ ନଂ ଜାତୀୟ ରାଜପଥର ଚେରୁପାଲି ନିକଟରେ ଗତ ୧୨ ତାରିଖ ବିଳମ୍ବିତ ରାତିରେ ହୋଇଥିବା ରାହାଜାନି ଘଟଣାରେ ସ୍ଥାନୀୟ ପୋଲିସ ୩ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟା ଗ୍ରାମର କୁନା କୁମ୍ଭାର (୨୨), ଡୁଙ୍ଗୁରିପାଲି ବ୍ଲକ ଶୁଖା ଗ୍ରାମର ସଞ୍ଜୀବ କୁମାର ଓରଫ ପପୁନ (୨୪) ଏବଂ ବଲାଙ୍ଗୀର ବରପାଲିପଡାର ଅଭିରାଜ ଠାକୁର (୨୧) । ସେମାନଙ୍କ ଠାରୁ ଲୁଟ ହୋଇଥିବା ମୋଟର ସାଇକେଲ ଓ ମୋବାଇଲ ଜବତ ହୋଇଛି । ପ୍ରକାଶ ଯେ, ବରଗଡ ଜିଲା ବରପାଲି ଗ୍ରାମର ସୁରତ କବଦାର ମୋଟର ସାଇକେଲରେ ବଲାଙ୍ଗୀରରୁ ନିଜ ଗାଁ ବରପାଲିକୁ ଫେରୁଥିଲେ । ଏହି ସମୟରେ ଚେରୁପାଲି ନିକଟରେ ଉପରୋକ୍ତ ୩ ଯୁବକ ତାଙ୍କୁ ଅଟକାଇ ଆକ୍ରମଣ କରି ମୋଟର ସାଇକେଲ ଓ ମୋବାଇଲ ଛଡାଇ ନେଇ ଚମ୍ପଟ ମାରିଥିଲେ । ଏ ନେଇ ସୁରତଙ୍କ ସ୍ତ୍ରୀ ସୁନୀତା ଡୁଙ୍ଗୁରିପାଲି ଥାନାରେ ଏତଲା ଦେଇଥିଲେ । ଡୁଙ୍ଗୁରିପାଲି ଥାନା ସବ୍‌ଇନ୍‌ସ୍ପେକ୍ଟର ଅନିଲ କୁମାର ପଧାନ ଓ ସୁବର୍ଣ୍ଣପୁର ଜିଲା ସ୍ୱତନ୍ତ୍ର ସ୍କ୍ୱାଡ୍ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ଯୁବକମାନଙ୍କୁ ଗିରଫ କରିଥିଲେ ।

# ବାଲିଘାଟ ଲିଜ୍ କରୁନି ପ୍ରଶାସନ

ଲାଠୋର, ୧୫।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଥିବା କୌଣସି ବାଲିଘାଟକୁ ରାଜସ୍ୱ ପ୍ରଶାସନ ଅଦ୍ୟାବଧି ଲିଜ୍ ଦେଇନାହିଁ। ଫଳରେ ସାଧାରଣ ଲୋକେ ବିଶେଷ କରି ଆବାସ ଯୋଜନାରେ ଘର ନିର୍ମାଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁମାନେ ଘାଟରୁ କୌଣସି ପ୍ରକାରେ ବାଲି ଆଣୁଛନ୍ତି ସେମାନେ ରାଜସ୍ୱ ଓ ପୋଲିସ ପ୍ରଶାସନ ଚଢାଉର ଶିକାର ହେଉଛନ୍ତି। ଫଳରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଆଣିଥିବା ହିତାଧିକାରୀ ନିର୍ଦ୍ଦିଷ୍ଟ ସମୟରେ କାମ ଶେଷ କରି ପାରୁନାହାନ୍ତି। ଏହି କାରଣରୁ କ୍ଷତିର ସମ୍ମୁଖୀନ ହେଉଥିବା ଅଞ୍ଚଳର ଶହେରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ମାଲିକ ପ୍ରାୟ ଏକ ମାସ ହେବ ତାଙ୍କ ଗାଡି ବନ୍ଦ କରି ରଖିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଗତ ଏକ ମାସରୁ ଉର୍ଦ୍ଧ୍ୱ ହେବ ରାଜସ୍ୱ ବିଭାଗ ବାଲି ବୋଝେଇ ଟ୍ରାକ୍ଟର ଉପରେ ଚଢ଼ାଉ କରି ୧୦ରୁ ୨୫ହଜାର ପର୍ଯ୍ୟନ୍ତ ଜରିମାନା ଆଦାୟ କରୁଛନ୍ତି। ପୋଲିସ ଧରିଲେ ଉଭୟ ମାଲିକ ଏବଂ ଚାଳକଙ୍କୁ ଗିରଫ କରୁଛି। ଏହି ପରିସ୍ଥିତିରେ ଲୋକେ ଚଢାଦରରେ ବାହାର ଅଞ୍ଚଳରୁ ବାଲି କିଣି ଗୃହ ନିର୍ମାଣ କରୁଛନ୍ତି। ଲାଠୋର ନିକଟ ବେନ୍ଦର ଲାନ୍ଥ ବୁଢା ନଦୀ ପାଖରେ ୩ଟି ବାଲିଘାଟ ରହିଛି। ହେଲେ ରାଜସ୍ୱ ବିଭାଗ ଏଠାରୁ ବାଲି ଉଠାଣ ଉପରେ କଟକଣା ଜାରି କରିଛନ୍ତି। ଏହିସବୁ ବାଲିଘାଟ ନିଲାମ କରିବାକୁ ଲାଠୋର ଗ୍ରାମର ସନ୍ତୋଷ କୁମାର ଭଇଁଷାଲ, ପଦ୍ମନାଭ ନାଏକ, ହୃଦାନନ୍ଦ ପୁଟେଲ, କିଶୋର ସେଠ ପ୍ରମୁଖ ଦାବି କରିଛନ୍ତି। ହେଲେ ରାଜସ୍ୱ ବିଭାଗ ସମୟ ଅଯଥାରେ ସମୟ ଗଡେଇ ସେଠାରୁ ବାଲି ଆଣିବା ଉପରେ କଟକଣା ଜାରି କରିଛି। ଏନେଇ ଖପ୍ରାଖୋଲ ତହସିଲଦାର ଧିରଜ କୁମାର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ଆମେ ଖୁବ୍‌ଶୀଘ୍ର ବାଲିଘାଟ ଲିଜ୍ ଦେବା ପାଇଁ ବିଜ୍ଞାପନ ଦେବୁ ବୋଲି କହିଛନ୍ତି। ତେବେ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଅବିଳମ୍ବେ ବାଲିଘାଟ ଲିଜ୍ କରାଇବାକୁ ସାଧାରଣରେ ଦାବି ହେଉଛି।

# ଖଇରମାଳ ଫୁଟ୍‌ବଲ: ଆଖିଦାଦର ସେମିରେ

ବିନିକା,୧୫।୧୨(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ସିଂଘିଯୁବା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଇରମାଳ ଗ୍ରାମର ହରିଶଙ୍କର ଯୁବକ ସଂଘ ଆନୁକୂଲ୍ୟରେ ଏକ ପଞ୍ଚାୟତସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ୫ ଦିନ ଧରି ଚାଲିବ। ଉଦ୍‌ଘାଟନୀ ଦିବସରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଦଳଗୁଡ଼ିକ ହେଲେ ଏସ୍.ରାମପୁର, ଆଖିଦାଦର, ମେହେନା ଓ ବ୍ରାହ୍ମଣୀପାଳି। ପ୍ରଥମ ମ୍ୟାଚ୍ ରାମପୁର ଓ ଆଖିଦାଦର ଗାଁ ଫୁଟବଲ୍ ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ପରେ ଅନୁଷ୍ଠିତ ପେନାଲ୍‌ଟି ଶୁଟ୍‌ଆଉଟ୍‌ରେ ଆଖିଦାଦର ଫୁଟବଲ୍ ଦଳ ୫-୪ରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ବ୍ରାହ୍ମଣୀପାଳି ଏବଂ ମେହେନା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ଖେଳରେ ଏହି ମ୍ୟାଚ ମଧ ବିନା ଗୋଲ୍‌ରେ ଶେଷ ହୋଇଥିଲା। ଫଳରେ ପେନାଲ୍‌ଟି ଶୁଟ୍‌ଆଉଟ୍‌ରେ ମେହେନା ଦଳ ୫-୪ ଗୋଲ୍‌ରେ ବିଜୟୀ ହୋଇଥିଲା । ଏହାପରେ ଦୁଇ ବିଜୟୀ ଦଳ ଆଖିଦାଦର ଓ ମେହେନା ଦଳ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଆଖିଦାଦର ଦଳଖେଳର ଅନ୍ତିମ ମୁହୂର୍ତ୍ତରେ ମେହେନା ଦଳକୁ ଦୁଇଟି ଗୋଲ୍ ଦେଇ ମ୍ୟାଚ ଜିତିବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ଚିତ୍ତାକର୍ଷକ ପ୍ରଦର୍ଶନ ପାଇଁ କାଲୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଖଇରମାଳ ଗ୍ରାମ ସାମାଜିକକର୍ମୀ ରାମଜୀ ପଧାନ ଓ ଅକ୍ଷୟ ଭୋଇ ପୁରସ୍କାର ବିତରଣ କରିଥିଲେ। ପ୍ରଥମ ଦିବସ ଖେଳ ଆନନ୍ଦ ଭୋଇ, ସାରଙ୍ଗ ପଧାନ ଓ ଯୁଦ୍ଧଜିତ୍ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।



ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ୱେସ୍କୋ ଘରୋଇକରଣକୁ ବିରୋଧ

ବଲାଙ୍ଗୀର ଅଫିସ,୧୫।୧୨

### ଆନ୍ଦୋଳନ ଚେତାବନୀ ଦେଲେ ବିଦ୍ୟୁତ ଶ୍ରମିକ, ଇଞ୍ଜିନିୟର୍ସ




ପଶ୍ଚିମ ଓଡିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ, ଇଞ୍ଜିନିୟର୍ସ ଏକତା ମଞ୍ଚ ବଲାଙ୍ଗୀର ସର୍କଲ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ।

ପଶ୍ଚିମ ଓଡିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ, ଇଞ୍ଜିନିୟର୍ସ ଏକତା ମଞ୍ଚ ବଲାଙ୍ଗୀର ସର୍କଲ ପକ୍ଷରୁ ୱେସ୍କୋ ଗ୍ରୀଡ ଅଫିସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ କରାଯାଇ ୱେସ୍କୋ ଘରୋଇକରଣ ନୀତିକୁ ବିରୋଧ କରାଯାଇଥିଲା। ପଶ୍ଚିମ ଓଡିଶା ବିଦ୍ୟୁତ୍ ମହାସଂଘ ଉପସଭାପତି ପବିତ୍ର ଖୁଣ୍ଟିଆ କହିଥିଲେ ଯେ, ୧୯୯୯ ମସିହାରେ ଓଡିଶାରେ ବିଦ୍ୟୁତ୍ ସଂସ୍କାର ନାଁରେ ଘରୋଇକରଣ କରାଯାଇଥିଲା। ରିଲାଏନ୍ସ ଏନର୍ଜି କମ୍ପାନୀକୁ ରାଜ୍ୟ ସରକାର ୧୫ପ୍ରତିଶତ ଅଂଶଧନ ବିକ୍ରି କରି ବିଦ୍ୟୁତ୍ ପରିଚାଳନା ଭାର ପ୍ରଦାନ କରିଥିଲେ।ତେବେ ଉକ୍ତ କମ୍ପାନୀ ୧୯୯୯ ମସିହାରୁ ୨୦୧୫ ମସିହା ପର୍ଯ୍ୟନ୍ତ ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର କରିବା ଛାଡି ଲୁଟ୍ କରିଥିଲେ। କାଗଜପତ୍ରରେ କ୍ଷତି ଦର୍ଶାଇ ହଜାର ହଜାର କୋଟି ଟଙ୍କା ଲୁଟ୍ କରି ଚାଲିଗଲେ। ଦୀର୍ଘ ୧୭ବର୍ଷ ଧରି ଘରୋଇକରଣ କରାଯାଇ ରାଜ୍ୟର ବିଦ୍ୟୁତ୍ ଗ୍ରାହକ, କର୍ମଚାରୀ ଓ ରାଜ୍ୟବାସୀଙ୍କୁ ଉକ୍ତ କମ୍ପାନୀ ଲୁଟ୍ କରିଥିଲେ। ରାଜ୍ୟ ସରକାର ୧୯୯୮ ମସିହାରେ ବିଦ୍ୟୁତ୍ କ୍ଷେତ୍ରକୁ ଘରୋଇକରଣ କରିବା ଭୁଲ ନିଷ୍ପତ୍ତି ଥିଲା ବୋଲି ବୁଝିପାରିଥିଲେ। ଏଣୁ ୨୦୧୫ ମସିହାରେ ଉକ୍ତ ଘରୋଇ କମ୍ପାନୀର ବିଦ୍ୟୁତ୍ ଲାଇସେନ୍ସ ରଦ୍ଦ କରି ସରକାର ବା ଗ୍ରୀଡକୋ ଅଧୀନରେ ରଖିଲେ। ଏବେ ରାଜ୍ୟ ସରକାର ପୁଣି ଥରେ ଓଡିଶାର ବିଦ୍ୟୁତ୍ କ୍ଷେତ୍ରକୁ ଟାଟା କମ୍ପାନୀ ହାତକୁ ଟେକି ଦେବାକୁ ଯୋଜନା କରୁଛନ୍ତି। ଏହା ହେଲେ ପୁଣି ଥରେ ରାଜ୍ୟବାସୀ, ବିଦ୍ୟୁତ୍ ଗ୍ରାହକ ଓ କର୍ମଚାରୀ ଘରୋଇ କମ୍ପାନୀର ଠକାମୀ ଓ ଶୋଷଣର ଶିକାର ହେବାର ଆଶଙ୍କା ରହିଛି। ବିଦ୍ୟୁତ୍ ଦେୟ ବୃଦ୍ଧି, ନୂତନ ମିଟର ଲଗାଇବା ନାଁରେ ଶୋଷଣ ଭଳି ଅନେକ ଗ୍ରାହକଙ୍କୁ ସହ୍ୟ କରିବାକୁ ପଡିବ। ବିଦ୍ୟୁତ୍ କର୍ମଚାରୀମାନଙ୍କୁ ମଧ ଘରୋଇ କମ୍ପାନୀ ଶୋଷଣ କରିଛି । ଦୀର୍ଘ ବର୍ଷ କାମ କଲା ପରେ ମଧ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉନାହିଁ । ଏବେ ପୁଣି ଥରେ ଘରୋଇକରଣ ନିଷ୍ପତ୍ତିକୁ ପଶ୍ଚିମ ଓଡିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ, ଇଞ୍ଜିନିୟର୍ସ ଏକତା ମଞ୍ଚ ବଲାଙ୍ଗୀର ସର୍କଲ ପକ୍ଷରୁ ଜୋରଦାର ବିରୋଧ କରାଯାଉଛି । ସରକାର ୱେସ୍କୋର ଘରୋଇକାରଣକୁ ଯଦି ତୁରନ୍ତ ବନ୍ଦ ନ କରନ୍ତି ତେବେ ବୁଧବାର ଠାରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ୱେସ୍କୋ ଅଫିସ ସମ୍ମୁଖରେ କର୍ମଚାରୀ ଓ ଇଞ୍ଜିନିୟର୍ସମାନେ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ମହାସଂଘର ସମ୍ବିତ ପାତ୍ର, ବିଭୂତି ଶଙ୍କର ବିନ୍ଧାଣି, ଜ୍ୟୋତିରଞ୍ଜନ ମହାନ୍ତି, କମଳେଶ ପ୍ରଧାନ, ସଞ୍ଜୀବ ପାଢ଼ୀ, ଲିଙ୍ଗରାଜ ପଣ୍ଡା, ଶଶୀକାନ୍ତ ବାରିକ, ନୀଳାଚଳ ତ୍ରିପାଠୀ, କୈଳାସ ସ୍ୱାଇଁ ଉପସ୍ଥିତ ଥିଲେ।